

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୨ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 DECEMBER 2023
Vol.No. 34 ■ No. 335■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ସରିଲା ସଂସଦର ଶୀତ ଅଧିବେଶନ

## ରାଜ୍ୟସଭାରେ ୩ ଅପରାଧିକ ବିଲ୍ ପାସ୍



ନୂଆଦିଲ୍ଲୀ, ୨୧/୧୨ : ଲୋକସଭା ପରେ ରାଜ୍ୟସଭାରେ ପାସ୍ ହୋଇଛି ୩ ନୂଆ ଅପରାଧିକ ବିଲ୍। ବିନା ବିରୋଧୀରେ ସଂସଦର ଉଚ୍ଚ ସଦନରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ସାକ୍ଷ୍ୟ ବିଲ ପାସ୍ ହୋଇଛି। ବୁଧବାର ଏହି ୩ ବିଲ୍ ଲୋକସଭାରେ ପାରିତ ହୋଇଥିଲା। ୯୭ ଜଣ ସାଂସଦ ନିଲମ୍ବିତ ହୋଇ ଲୋକସଭା ବାହାରେ ଥିଲେ ମଧ୍ୟ ସରକାର ଏହି ୩ ଗୁରୁତ୍ୱପୂର୍ଣ୍ଣ ବିଲକୁ ନିମ୍ନ ସଦରେ ପାସ୍ କରାଇଥିଲେ। ଆଜି ରାଜ୍ୟସଭାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ବିନା ବିରୋଧୀରେ ସରକାର ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ସାକ୍ଷ୍ୟ ବିଲ ପାସ କରିଛନ୍ତି। ସଂସଦରେ ଏହା ପାରିତ ହୋଇଥିବାରୁ ଏବେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ଯିବ। ରାଷ୍ଟ୍ରପତି ମୋହର ମାରିବା କ୍ଷଣି ଏହା ଆଇନରେ ପରିଣତ ହେବ। ବ୍ରିଟିଶ ଅମଳରୁ ପ୍ରଚଳିତ ଆଇପିସି, ସିଆରପିସି ଓ ଭାରତୀୟ ପ୍ରମାଣ ଆଇନ(ଆଇଇଏ) ବଦଳରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ସାକ୍ଷ୍ୟ ଆଇନ ଲାଗୁ ହେବ। ଅପରାଧ ପାଇଁ ଭାରତୀୟ ନ୍ୟାୟ ସଂହିତା ବଳରେ ଦୋଷୀକୁ ଦଣ୍ଡବିଧାନ କରାଯିବ। ଉଭୟ ଲୋକସଭା ଓ ରାଜ୍ୟସଭାରେ ୩ ନୂଆ ଅପରାଧିକ ବିଲ ପାସ୍ ହୋଇଥିବାରୁ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ଏହି ବିଲ୍ ପାସ୍ ହେବା ଦ୍ୱାରା ବ୍ରିଟିଶ ଶାସନର ଅନ୍ତ ଘଟିଛି। ଏଥିସହ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମୋଦି ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଆଇପିସିରେ ଥିବା ଦେଶଦ୍ରୋହ ଆଇନକୁ ବଦଳାଇ ଦିଆଯାଇଛି। ପ୍ରସ୍ତାବିତ ଆଇନରେ ଦେଶଦ୍ରୋହର ଶବ୍ଦ ନାହିଁ। ଏହି ଶ୍ରେଣୀରେ ଆସୁଥିବା ଅପରାଧକୁ ଧାରା ୧୫୦ ଅଧୀନରେ ବିଚାର କରାଯିବ। ବିଲ୍‌ରେ ଭିଡ଼ ହିଂସା ବା ମବ ଲିଚିଂ ପାଇଁ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ଗଣଦୁଷ୍କର୍ମ ପାଇଁ ୨୦ ବର୍ଷ ଜେଲ ଓ ନାବାଳିକା ଦୁଷ୍କର୍ମ ଘଟଣା ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ହୋଇଛି। ନୂଆ ବିଲ୍‌ରେ ମହିଳା, ଛୋଟ ପିଲା, ହତ୍ୟା ଓ ଦେଶ ବିରୋଧୀ କାର୍ଯ୍ୟକଳାପକୁ ରୋକିବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ୩ ବିଲ୍ ପାସ୍ ହେବା ସହ ରାଜ୍ୟସଭାର ଶୀତ ଅଧିବେଶନ ଶେଷ ହୋଇଛି। ଏହାପୂର୍ବରୁ ଲୋକସଭାର ଶୀତ ଅଧିବେଶନ ମଧ୍ୟ ଶେଷ ହୋଇଥିଲା। ଶେଷ ଦିନରେ ଲୋକସଭାରେ ସିଇସି ନିଯୁକ୍ତି ସଂକ୍ରାନ୍ତ ବିଲ୍ ପାରିତ କରାଯାଇଥିଲା। ଦୁଇ ତୃତୀୟାଂଶ ବିରୋଧୀଙ୍କ ଅନୁପସ୍ଥିତିରେ ସରକାର ସିଇସି ନିଯୁକ୍ତି ଓ ସେବା ବିଲ୍ ପାସ୍ କରାଇଛନ୍ତି।

## ଆମ୍ବୁସ ଲଗାଇ ଆକ୍ରମଣ କଲେ ଆତଙ୍କବାଦୀ: ୩ ଯବାନ ସହିଦ



ନୂଆଦିଲ୍ଲୀ, ୨୧/୧୨ : ଜମ୍ମୁ ଓ କଶ୍ମୀରର ପୁଞ୍ଚରେ ଆତଙ୍କବାଦୀମାନେ ଆମ୍ବୁସ ଲଗାଇ ସେନାର ଦୁଇଟି ଗାଡ଼ି ଉପରକୁ ଗୁଳିମାଡ଼ କରିବାରୁ ୩ ଜଣ ଯବାନ ସହିଦ ହୋଇଛନ୍ତି। ବୁଫଲିୟାଜରୁ ସେନାର ୨ଟି ଗାଡ଼ି (ଗୋଟିଏ ଟ୍ରକ୍ ଓ ଗୋଟିଏ ଜିପ୍‌ସି)ରେ କିଛି ଯବାନ ଯାଉଥିବା ବେଳେ ଏହି ଆକ୍ରମଣ ହୋଇଥିଲା। ବୁଫଲିୟାଜ ପାଖାପାଖି ଅଞ୍ଚଳରେ ଗତକାଲି ରାତିରୁ ଆତଙ୍କବାଦୀ ବିରୋଧୀ ଅପରେସନ ଚାଲିଛି। ସେଠାରୁ ଏହି ଯବାନମାନେ ଫେରୁଥିବା ବେଳେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ରଜୌରୀ-ଥାନାମଣ୍ଡି-ସୁରଣକୋଟ ରାସ୍ତାର ସବନି ନିକଟରେ ୨ଟି ଗାଡ଼ିରେ ଯାଉଥିବା ଯବାନଙ୍କୁ ଆତଙ୍କବାଦୀମାନେ ଘେରି ଯାଇ ଗୁଳିମାଡ଼ କରିଥିଲେ। ଅପରାହ୍ନ ପ୍ରାୟ ୩ଟା ୪୫ ବେଳେ ଏହି ଘଟଣା ଘଟିଥିଲା। ଆତଙ୍କବାଦୀମାନେ ଆକ୍ରମଣ କରିବା ପରେ ଯବାନମାନେ ପାଲଟା ଆକ୍ରମଣ କରିଥିଲେ। ତେବେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୩ ଜଣ ଯବାନ ସହିଦ ହୋଇଛନ୍ତି। ଘଟଣା ସଂପର୍କରେ ଖବର ପାଇବା ପରେ ସେନାର ଅତିରିକ୍ତ ଟିମ୍‌କୁ ▶▶ପୃଷ୍ଠା ୭

## ଅମରେଶ ପଟ୍ଟନାୟକ ପାଇବେ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ



ବାଳକାଟି, ୨୧/୧୨ (ନି.ପ୍ର): ହୀରାପୁର, ନୃତ୍ୟପ୍ରତିଭା ଓ ହୀରାପୁର ଗ୍ରାମ୍ୟ କମିଟିର ମିଳିତ ଆନୁକୂଲ୍ୟରେ ସପ୍ତଦଶ ଚଉଷଠି ଯୋଗିନୀ ମହୋତ୍ସବ ମହାମାୟାଙ୍କ ପୀଠରେ ଆଗାମୀ ୨୩, ୨୪ ଓ ୨୫ ତାରିଖ ଅନୁଷ୍ଠିତ ହେବ। ଏହି ତିନିଦିନ ବ୍ୟାପି ମହୋତ୍ସବରେ ଓଡିଶା ତଥା ଓଡିଶା ବାହାରୁ ବହୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟସଙ୍ଗୀତ ଶିଳ୍ପୀ ଅଂଶଗ୍ରହଣ କରିବେ। ଓଡିଶୀ, କଥକ, କୁଚିପୁଡି ନୃତ୍ୟ ସହିତ ସମ୍ବଲପୁରୀ, ଘୁମୁରା ଓ ଖୋର୍ଦ୍ଧା ପାଇକ ପ୍ରଭୃତି ନୃତ୍ୟ ପରିବେଷଣ ହେବ। ଏହି ଅବସରରେ ଚଳିତ ବର୍ଷ ସମ୍ମାନଜନକ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ଶ୍ରୀମତୀ ଶର୍ମିଳା ବିଶ୍ୱାସଙ୍କୁ ପ୍ରଦାନ କରାଯାଉଥିବା ବେଳେ ଚଉଷଠି ଯୋଗିନୀ ସଂଗୀତ ସମ୍ମାନ ମନ୍ମଥ ମିଶ୍ର, ଚିତ୍ରକଳା ସମ୍ମାନ ଅଂଜନ କୁମାର ସାହୁ, ନାଟ୍ୟ ସମ୍ମାନ ଲାଲା ବିରେନ ରାଏ, ସାହିତ୍ୟ ସମ୍ମାନ ଶ୍ରୀଯୁକ୍ତ ଅମରେଶ ପଟ୍ଟନାୟକ ଓ ଚିତ୍ରସୁଧା ସମ୍ବର୍ଦ୍ଧନା କୁଳମଣି ବିଶ୍ୱାଳଙ୍କୁ ପ୍ରଦାନ କରାଯିବ ବୋଲି ଗ୍ରାମ୍ୟ କମିଟିର ସଭାପତି ରବିନ୍ଦ୍ର ନାୟକ, ନୃତ୍ୟ ପ୍ରତିଭାର ସଭାପତି ଡ.ରଜନୀ ରଞ୍ଜନ ଦାଶ, ଉପସଭାପତି ଶ୍ରୀଯୁକ୍ତ ବଂଙ୍କିମ ନାୟକ ଓ ସଂପାଦିକା ଗୁରୁ ପ୍ରତିଭା ପଣ୍ଡା ଜଣାଇଛନ୍ତି।

## ରାଜ୍ୟରେ କମିବ ଶୀତ, ବଢ଼ିବ କୁହୁଡ଼ି

ଭୁବନେଶ୍ୱର, ୨୧ /୧୨ (ନି.ପ୍ର): ଥଣ୍ଡାରେ ଥରୁଥିଲା ସାରା ଓଡ଼ିଶା। ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଏବେ ସେଥିରୁ ମିଳିବ ସାମାନ୍ୟ ଆସ୍ୱସ୍ତି। କାରଣ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ପରଠାରୁ କମିବ ଶୀତ, ବଢିବ କୁହୁଡ଼ି। ଏନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ। ସେ କହିଛନ୍ତି, ଗତ ସପ୍ତାହେ ଧରି ଲାଗି ରହିଥିବା ଶୀତର ପ୍ରକୋପ ଆସନ୍ତାକାଲି ଯାଏଁ ରହିବ। ୨୩ ତାରିଖ ସକାଳେ ପ୍ରବଳ କୁହୁଡ଼ି ଦେଖାଯିବାର ସମ୍ଭାବନା ରହିଛି। ବାୟୁମଣ୍ଡଳରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବାକୁ ଥିବାରୁ ୨୩ ଓ ୨୪ ତାରିଖରେ ପ୍ରବଳ କୁହୁଡ଼ି ଜାରି କରିବ। ଉପକୂଳ ସମେତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ କୁହୁଡ଼ିର ମାତ୍ରା ଅଧିକ ରହିବ। ୨୩ ତାରିଖରେ ୧୦ ଜିଲ୍ଲା ଓ ୨୪ ତାରିଖରେ ୧୮ ଜିଲ୍ଲାକୁ ଘନ କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଦୃଶ୍ୟମାନ ଦୂରତା ୨୦୦ ମିଟରରୁ କମ୍? ରହିବା ନେଇ ଚେତାବନୀ ଦିଆଯାଇଛି ବୋଲି ଶ୍ରୀ ଦାଶ କହିଛନ୍ତି। ସେପଟେ ଗତ ୨୪ ଘଣ୍ଟାରେ ପାହାଡିଆ ଅଞ୍ଚଳ ଭାବେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ▶▶ପୃଷ୍ଠା ୭

## ମଦ ଟଙ୍କାର ହିସାବ ଦେଲା ଆଇଟି : ୩୫୧ କୋଟିର କ୍ୟାସ୍, ୨.୮୦ କୋଟିର ଗହଣା



ଭୁବନେଶ୍ୱର, ୨୧ /୧୨ (ନି.ପ୍ର): ମଦ ବ୍ୟବସାୟୀଙ୍କ ବିଭିନ୍ନ ଘର ଓ ଫ୍ୟାକ୍ଟ୍ରିରେ ଆଇଟି ରେଡ୍ ଘଟଣାରେ ୩୫୧ କୋଟିରୁ ଅଧିକ ଟଙ୍କା ମିଳିଛି। ପ୍ରେସ ରିଲିଜ୍ ଜରିଆରେ ଆୟକର ବିଭାଗ ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ଏହାବାଦ ୨ କୋଟି ୮୦ ଲକ୍ଷ ଟଙ୍କାର ଗହଣା ଜବତ ହୋଇଛି ଦର୍ଶାଯାଇଛି। ଜବତ ଟଙ୍କାରୁ ୩୨୯ କୋଟି ବଲାଙ୍ଗିର ଓ ସମ୍ବଲପୁରରେ ଥିବା ପୁରୁଣା ଘର, ଗୁପ୍ତ ଚାମ୍ବରରେ ଲୁଚା ଯାଇଥିଲା ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ଦେଶୀ ମଦ ଫ୍ୟାକ୍ଟ୍ରୀ ଓ ଭାଟିରେ ଚଢ଼ଉ କରିଥିଲା ଆୟକର ବିଭାଗ। ଏହି ଚଢ଼ଉ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାରଖଣ୍ଡରେ ବିଭିନ୍ନ ସ୍ଥାନରେ ହୋଇଥିଲା। ଚଢ଼ଉ ବେଳେ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାରୁ ବିଭିନ୍ନ ଭାଟିରୁ ବସ୍ତାବସ୍ତା ଟଙ୍କା ଜବତ କରିଥିଲା। ଏତେ ପରିମାଣର ଟଙ୍କା ଦେଖି ଆୟକର ବିଭାଗ ▶▶ପୃଷ୍ଠା ୭

## ବିବାହ ବିଚ୍ଛେଦ ପାଇଁ ଅନୁଭବଙ୍କୁ ହାଇକୋର୍ଟଙ୍କ ଅନୁମତି





ଭୁବନେଶ୍ୱର, ୨୧ /୧୨ (ନି.ପ୍ର): ସାଂସଦ ଅନୁଭବ ମହାନ୍ତି-ବର୍ଷା ପ୍ରିୟଦର୍ଶିନୀ ବିବାହ ବିଚ୍ଛେଦ ମାମଲାରେ ଆସିଛି ବଡ଼ ଖବର। ବିବାହ ବିଚ୍ଛେଦ ପାଇଁ ଆଜି ଅନୁଭବଙ୍କୁ ଅନୁମତି ଦେଇଛନ୍ତି ହାଇକୋର୍ଟ। ଅନୁଭବଙ୍କ ଆବେଦନ ଆଧାରରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ପରିବାର ଅଦାଲତଙ୍କ ରାୟକୁ ମଧ୍ୟ ହାଇକୋର୍ଟଙ୍କ ଖାରଜ କରିଛନ୍ତି। ପୂର୍ବରୁ ଅନୁଭବଙ୍କ ବିବାହ ବିଚ୍ଛେଦ ଆବେଦନକୁ ଅଗ୍ରାହ୍ୟ କରିଥିଲେ ପରିବାର ଅଦାଲତ। ହାଇକୋର୍ଟରେ ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି ତାଙ୍କର ସେହି ପୁରୁଣା ଯୁକ୍ତି ଉପସ୍ଥାପନ କରିଥିଲେ। ▶▶ପୃଷ୍ଠା ୭

## ପୁଣି ଡରାଇଲାଣି କରୋନା: ଦିନକରେ ୩୫୮ ନୂଆ ଆକ୍ରାନ୍ତ ଚିହ୍ନଟ, ୩ ମୃତ



ନୂଆଦିଲ୍ଲୀ, ୨୧/୧୨ : ପୁଣି ଡରାଇଲାଣି ମହାମାରୀ କରୋନା। ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲାଣି ସଂକ୍ରମଣ ମାମଲା। କରୋନାର ନୂଆ ଭାରିଏଣ୍ଟ ଜେଏନ୍.୧ ଧୀରେ ଧୀରେ ଚାରିଆଡେ କାୟା ମେଲାଉଛି। ଗତ ୨୪ ଘଣ୍ଟାରେ ସାରା ଦେଶରେ ୩୫୮ଟି ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ କେବଳ କେରଳରୁ ୩୦୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ କରୋନାରେ ଆକ୍ରାନ୍ତ ହୋଇ ୩ ଜଣଙ୍କ ମୃତ୍ୟୁ ହୋଇଛି। ସମସ୍ତ ମୃତକ କେରଳର ବୋଲି ଜଣାପଡିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସୂଚନା ଅନୁଯାୟୀ କେରଳରେ ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ପାର ହୋଇଛି। ଏବେ କେରଳରେ ୨ ହଜାର ୪୧ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ସେହିପରି ଦେଶରେ ମୋଟ୍ ଆକ୍ଟିଭ୍ କେସ୍ ସଂଖ୍ୟା ୨,୬୬୯ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ନୂଆଦିଲ୍ଲୀ, ▶▶ପୃଷ୍ଠା ୭

## ରାଉରକେଲା ସ୍ଥିତି ନିୟନ୍ତ୍ରଣଧୀନ: ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ରାଉରକେଲାରେ ଡାଇରିଆର ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଦାବି କରିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ସେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି, ରାଉରକେଲା ସ୍ଥିତି



ନିୟନ୍ତ୍ରଣଧୀନ । ସ୍ଥିର ଅବସ୍ଥା କୁ ଆସିଛି । ହସ୍ପିଟାଲରେ ଆଉ ଆଡ଼ମିଶନ ସଂଖ୍ୟା ବଢୁନି । ସିଭିୟର ରୋଗୀ ଙ୍କ ସଂଖ୍ୟା କମିଛି । ୨ ଜଣ ମାତ୍ର ସିଭିୟର ଅଛନ୍ତି ।ଯେତେ ଅର୍ବାନ ପିଏସି ୨୪ ଘଣ୍ଟିଆ ଚଲେଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି ଯେ ଘରୋଇ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ବି ସହଯୋଗ କରିବେ । ନିୟମିତ ଜଳ ପରୀକ୍ଷା କରାଯାଉଛି। କ୍ଲୋରିନ ଲେଭ୍ଲ କୁ ଠିକ କରିବା ପାଇଁ ଚେଷ୍ଟା କରାଯାଉଛି । ସରକାରଙ୍କ ପାଖରେ ଅଡ଼ିଟେଡ଼ ୬ ଟି ମୃତ୍ୟୁ ରିପୋର୍ଟ ଅଛି । ଆଉ କିଛି ମୃତ୍ୟୁ ର ଅଡ଼ିଟ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି ।

## ନୀଳଗିରିରୁ ବାଲେଶ୍ୱରକୁ ଗଡ଼ିବ ମେମୋ ଟ୍ରେନ୍



ନୀଳଗିରି, ୨୧/୧୨ (ନି.ପ୍ର): ଖୁବ୍‌ଶୀଘ୍ର ନୀଳଗିରି ଗୋପୀନାଥପୁର ଷ୍ଟେସନ୍‌ରୁ ବାଲେଶ୍ୱରକୁ ଗଡ଼ିବ ମେମୋ ଟ୍ରେନ୍। ସେଥିପାଇଁ ମେମୋ ଟ୍ରେନ୍‌ରେକ୍ ଆସି ସରିଲାଣି। ଖାଲି ତାରିଖ ଘୋଷଣାକୁ ଅପେକ୍ଷା କରାଯାଇଛି। ଆଶା କରୁଛି ୧୦ରୁ ୧୫ ଦିନ ଭିତରେ ଏହି ଟ୍ରେନ୍ ଚାଲିବ। ଏନେଇ ସୂଚନା ଦେଇଛନ୍ତି ଦକ୍ଷିଣ-ପୂର୍ବ ରେଲୱେ ଡିଭିଜନତ ମହାପ୍ରବନ୍ଧକ ଅନିଲ ମିଶ୍ର। ▶▶ପୃଷ୍ଠା ୭

## ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟର ନବାଗତଙ୍କୁ ସ୍ୱାଗତ

ବାଲେଶ୍ୱର, ୨୧/୧୨ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଓ ଇନ୍‌ଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୋଗିକ୍ ସାଇନ୍‌ସ ବିବେକାନନ୍ଦ ମାର୍ଗ ଚିଡ଼ିଆ ପୋଲଠାରେ ମାଷ୍ଟର ଡିଗ୍ରୀ ଇନ୍ ଯୋଗ ସାଇନ୍‌ସର ନବାଗତ ଛାତ୍ରଛାତ୍ରୀମାନଙ୍କୁ ୨ୟ ବର୍ଷ ୪ର୍ଥ ବର୍ଷ ଛାତ୍ରୀଛାତ୍ରୀମାନେ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧନା କରିଥିଲେ । କଲେଜ ପରିସରରେ ର୍ୟାଗିଂ ଫ୍ରି ଜୋନ ଭାବେ ଅଧ୍ୟାପିକା ଦେବୀ ଅର୍ଚ୍ଚନା ଦାସ ଘୋଷଣା କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଧ୍ୱନି ପ୍ରତିଧ୍ୱନିର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା, ଏମ୍.ଏ ଇନ୍ ଯୋଗା ଶିକ୍ଷା ଠାରେ ଜଣେ ଭଲ ମଣିଷ ହେବା ସହିତ ଆର୍ଥିକ ନିଯୁକ୍ତି ପାଇପାରୁଛନ୍ତି।



ପ୍ରତ୍ୟେକ ସରକାରୀ ବେସରକାରୀ ଡାକ୍ତରଖାନା ମାନଙ୍କରେ ଏହି ଅନୁଷ୍ଠାନରୁ ପାସ୍ କରି ୩୦୦ରୁ ଅଧିକ ଛାତ୍ରଛାତ୍ରୀ ନିଯୁକ୍ତି ପାଇଁ ପାରିଛନ୍ତି, ଗୁଜରାଟ ରାଜ୍ୟର ନିମ୍ବା ପ୍ରାକୃତିକ ଚିକିତ୍ସା କେନ୍ଦ୍ରରେ ମଧ୍ୟ ପ୍ଲେସମେଣ୍ଟ ମ୍ୟାନେଜମେଣ୍ଟ ହୋଇପାରୁଛି । ତେଣୁ ବହୁ ସଂଖ୍ୟାରେ ଯୋଗ ଚିକିତ୍ସା ଉପରେ ଶିକ୍ଷା ଲାଭ କରନ୍ତୁ ବୋଲି ଜଣାଇଥିଲେ । ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ନବାଗତମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏହି ଅନୁଷ୍ଠାନ ଯୋଗ ଡିପ୍ଲୋମା, ପିଜି ଡିପ୍ଲୋମା, ଡିପ୍ଲୋମା ଇନ୍ ନେଚରପାଥି ଆଦି କୋର୍ସ କରାଇ ନିଜକୁ ସୁସ୍ଥ ମାନସିକତା ଠିକ୍ ରଖିବା ସହିତ ନିଯୁକ୍ତି ପାଇ ▶▶ପୃଷ୍ଠା ୭

## ଧୂସର ଜଳ ପରିଚାଳନା କର୍ମଶାଳା

ଜୟପୁର, ୨୧/୧୨ (ନି.ପ୍ର): ଜୟପୁର ସହର ଏନ କେ ଟି ରୋଡ଼ ସ୍ଥିତ ଏକ ହୋଟେଲ ର ସମ୍ମିଳନୀ କକ୍ଷରେ ଧୂସର ଜଳ ପରିଚାଳନା ନିମନ୍ତେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ଅର୍ବାନ ବିଭାଗର ଅତିରିକ୍ତ ସଚିବ ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧୂସର ଜଳ ପରିଚାଳନା ଉପରେ ଆଲୋକପାତ କରିଥିଲେ ।ରାଜ୍ୟର ଜଟଣୀ ଓ ଢେଙ୍କାନାଳ ସହରରେ ଏହାର ସଫଳତା ପରେ କୋରାପୁଟ ଜିଲ୍ଲା ଜୟପୁର ଓ କୋଟପାଡ଼ ସହରରେ ଏହି କାର୍ଯ୍ୟକ୍ରମ ନିଆଯାଇଥିବା ସେ କହିଛନ୍ତି ।ଏହି ଦୁଇଟି ସହରରେ ନିଶ୍ଚିତ ଭାବେ ସଫଳତା ହାସଲ ହେବ ବୋଲି ସେ ଆଶା ରଖିଛନ୍ତି । ଆଜିର ଏହି କର୍ମଶାଳା ସମ୍ମିଳନୀ ରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଦେବି ପ୍ରସାଦ ତାଲି ,ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପାଧ୍ୟକ୍ଷା ବି ସୁନିତା ଓ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ବିଶ୍ୱନାଥ ପାତ୍ର ଏବଂ କୋଟପାଡ଼ ଏନ୍.ଏ.ସି ଅଧ୍ୟକ୍ଷ ଏମ୍ ଶଙ୍କର ରାଓ, ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାରଖରା , ସମେତ ଜୟପୁର ପୌରପାଳିକା ଓ କୋଟପାଡ଼ ଏନ୍.ଏ.ସି ର ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳା ସମ୍ମିଳନୀ ରେ ଧୂସର ଜଳ ଏକ୍ସପୋର୍ଟ ହେମନ୍ତ ପଣ୍ଡା ଯୋଗଦେଇ ସ୍ୱଚ୍ଛ ସାଥୀ,ସ୍ୱଚ୍ଛ ସୁପରଭାଇଜର, ଏବଂ ମୁକ୍ତା ଏକ୍ସପୋର୍ଟ ମାନଙ୍କୁ ଧୂସର ଜଳ ପରିଚାଳନା ବିଷୟରେ ତାଲିମ ପ୍ରଦାନ କରିଥିଲେ।

# ଯୋଜନାରେ ଅଟକିଛି ରୋଗୀଙ୍କୁ ହେଲିକପ୍ଟର ସେବା: ୬ମାସ ତଳୁ ହେଲାଣି ଯୋଜନା, ଏଯାଏ ମିଳୁନି ହେଲିକପ୍ଟର

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ରାଜ୍ୟରେ ଯେକୌଣସି ସ୍ଥାନରେ ଭୟାବହ ଦୁର୍ଘଟଣା ଘଟିଲେ ବା ଅପହଞ୍ଚ ସ୍ଥାନରେ କୌଣସି ବ୍ୟକ୍ତି ଜରୁରୀକାଳୀନ ଚିକିତ୍ସା ପାଇବାର ଥିଲେ ରାଜ୍ୟ ସରକାର ତୁରନ୍ତ ହେଲିକପ୍ଟର ପଠାଇ ବଡ଼ ହସ୍ପିଟାଲକୁ ଆଣିବେ। ଏଥିପାଇଁ ଗୋଟିଏ ହେଲିକପ୍ଟର ନିୟୋଜିତ କରାଯିବ। ରାଜ୍ୟ ସରକାର ୬ମାସ ତଳୁ 'ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ହେଲିକପ୍ଟର' (ଏଚ୍‌ଇଏମ୍‌ଏସ୍)ର ପ୍ରସ୍ତୁତି କଲେଣି। ହେଲେ ଆଜି ପର୍ଯ୍ୟନ୍ତ ଏହି ହେଲିକପ୍ଟର ଯୋଗାଡ଼ ହୋଇପାରୁନି । ଫଳରେ ବହୁ ଆକାଂକ୍ଷିତ ଏହି ପ୍ରକଳ୍ପ ସରକାରୀ ଫାଇଲ ଭିତରେ ଅଟକିଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲ୍ଲା ପାଇଁ କାର୍ଯ୍ୟକାରୀ ହେଉଛି । ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇବାକୁ ଡାକ୍ତରୀ ଦଳ ନିୟମିତ ବ୍ୟବଧାନରେ ସ୍ୱତନ୍ତ୍ର ଏୟାରକ୍ରାଫ୍ଟରେ ଏସବୁ ଜିଲ୍ଲା ଗସ୍ତରେ ଯାଉଛନ୍ତି। ଏଥିରେ ଡାକ୍ତର ହସ୍ପିଟାଲକୁ ଯାଉଛନ୍ତି । ହେଲେ ରୋଗୀଙ୍କୁ କିପରି ବଡ଼ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯିବ ଏବଂ ଜରୁରୀ ଚିକିତ୍ସା ଯୋଗାଇ ହେବ ସେଥିପାଇଁ 'ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ହେଲିକପ୍ଟର' ଯୋଜନା ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ପରିବହନ ବିଭାଗ କେବଳ ହେଲିକପ୍ଟର ଯୋଗାଇଦେବ ଏବଂ ସ୍ୱାସ୍ଥ୍ୟ ବିଭାଗ ଏହାର ଖର୍ଚ୍ଚ ବହନ କରିବ। କିପରି ରୋଗୀଙ୍କୁ ପରିବହନ କରାଯିବ, ହେଲିପ୍ୟାଡ୍ ପର୍ଯ୍ୟନ୍ତ ଅଣାଯିବ, କେଉଁ ହସ୍ପିଟାଲକୁ ନିଆଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ହେଲିକପ୍ଟର ଭଡ଼ାରେ ଆଣିବା ପ୍ରକ୍ରିୟା ଶେଷ ହୋଇନଥିବାରୁ ଏହି ଯୋଜନାକୁ ଚୂଡ଼ାନ୍ତ ରୂପ ଦିଆଯାଇପାରୁନି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ 'ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ହେଲିକପ୍ଟର' ଯୋଜନା ପାଇଁ ପ୍ରଥମେ ହେଲିକପ୍ଟର ଆବଶ୍ୟକ। ଏହାସହ ଯେଉଁ ଯେଉଁ ହସ୍ପିଟାଲ/ ମେଡିକାଲ କଲେଜକୁ ରୋଗୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯିବ ସେଠାରେ ବି ହେଲିପ୍ୟାଡ୍ ପ୍ରସ୍ତୁତ ହେବା ଦରକାର। ଏହି ଭିତ୍ତିଭୂମି ପରିବହନ ବିଭାଗ ପ୍ରସ୍ତୁତ କରିବ। ହେଲେ ସେମାନେ ଏପର୍ଯ୍ୟନ୍ତ ହେଲିକପ୍ଟର ଠିକ୍ କରିପାରୁନାହାନ୍ତି କି ହେଲିପ୍ୟାଡ୍ ନିର୍ମାଣ ହୋଇନି। ତେଣୁ ଏହି ଯୋଜନା କେବଳ ଯୋଜନାରେ ରହିଯାଇଛି। ସେହିପରି ହେଲିକପ୍ଟର ଏବେ ନିୟୋଜିତ ହେଲେ ଏହାକୁ ବିଏସ୍‌କେୱାଇରେ ସାମିଲ୍ କରାଯିବ କି ଏହାପାଇଁ ସ୍ୱତନ୍ତ୍ର ବଜେଟ୍ ରହିବ ସେନେଇ ବି କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନି। ଏହାବାଦ୍ ରାଜ୍ୟର ବହୁ ସ୍ଥାନରେ ଆମ୍ବୁଲାନ୍ସ ପହଞ୍ଚିବାରେ ଅସୁବିଧା ହେଉଥିବାରୁ ରୋଗୀଙ୍କୁ ଠିକ୍ ସମୟରେ ହସ୍ପିଟାଲକୁ ଅଣାଯାଇପାରୁନି। କୌଣସି ସ୍ଥାନରେ ଭୟାବହ ଦୁର୍ଘଟଣା



ଘଟିଲେ ବା କୌଣସି ବ୍ୟକ୍ତିଙ୍କର ତୁରନ୍ତ ଚିକିତ୍ସା ଆବଶ୍ୟକ ଥିଲେ ଏହି ସେବା ଯୋଗାଇ ଦିଆଯିବ ବୋଲି ପ୍ରାରମ୍ଭିକ ଭାବେ ନିଷ୍ପତ୍ତି ହୋଇଛି। କିନ୍ତୁ ଦୁର୍ଘଟଣା ପୀଡ଼ିତଙ୍କ ବାଦ୍ କେଉଁଭଳି ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ସ୍ଥାନାନ୍ତର କରାଯାଇପାରିବ ସେନେଇ ବି ଏସ୍‌ଓପି ପ୍ରସ୍ତୁତ ହେବ। ଯାହା ଏପର୍ଯ୍ୟନ୍ତ ହୋଇନି। ତେଣୁ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା କାର୍ଯ୍ୟକାରୀ ହେବା ସମ୍ଭାବନା କମ୍। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଯେଉଁଭଳି ହେଲିକପ୍ଟର ଭଡ଼ାରେ ଆଣିବାକୁ ଚାହୁଁଛନ୍ତି ଏବଂ ଯେଉଁ ସର୍ତ୍ତ ରଖିଛନ୍ତି ସେଥିରେ କେତେକ ସଂସ୍ଥା ରାଜି ହେଉନାହାନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଆଗୁଆ ହେଲିକପ୍ଟର ଏବଂ ଚାର୍ଟର ବିମାନ ବୁକିଂ କରିଦେଇଛନ୍ତି। ସେଥିରେ ଅଧିକ ଭଡ଼ା ମିଳିବାକୁ ଥିବାରୁ ମାସକୁ ମାତ୍ର ୪୦ଘଣ୍ଟା ଉଡ଼ାଣ ପାଇଁ ହେଲିକପ୍ଟର ନିୟୋଜନ କରିବାକୁ ଘରୋଇ ସଂସ୍ଥା ଆଗ୍ରହ ଦେଖାଉନାହାନ୍ତି। ଯେଉଁଥିପାଇଁ ରାଜ୍ୟ ସରକାରଙ୍କ ଏହି ଯୋଜନା ଏବେ ଯୋଜନାରେ ଅଟକିଛି। 'ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ହେଲିକପ୍ଟର' ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ଭୁବନେଶ୍ୱର ଏମ୍ସ, କଟକର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ, ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେଲିପ୍ୟାଡ୍ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିରୁ କୌଣସି ଗୋଟିଏ ସ୍ଥାନରେ ହେଲିକପ୍ଟର ରହିବ। ଏନେଇ ପରିବହନ ବିଭାଗ ପକ୍ଷରୁ ହେଲିକପ୍ଟର ମୁତୟନ କରିବାକୁଥିବା ସଂସ୍ଥାକୁ ମାସକ ଆଗରୁ ଜଣାଯିବ। ଯାହାଦ୍ୱାରା ରୋଗୀଙ୍କୁ ସହଜରେ ସ୍ଥାନାନ୍ତର କରିବା ସୁବିଧା ହେବ। ପରିବହନ ବିଭାଗର ସୂଚନା ଅନୁଯାୟୀ, ଆମର ସର୍ତ୍ତ ଅନୁଯାୟୀ ନିୟୋଜିତ ହେବାକୁ ଥିବା ହେଲିକପ୍ଟରରେ ଏୟାରୱର୍ଦ୍ଦି ଇଏମ୍‌ଏସ୍ କିଟ୍ ସହ ଷ୍ଟ୍ରେଚର, ଆନୁଷଙ୍ଗିକ ମେଡିକାଲ ସାମଗ୍ରୀ, ଜଣେ ରୋଗୀ, ଦୁଇ ଜଣ ମେଡିକାଲ କର୍ମଚାରୀ ଯାତାୟତ କରିବା ଭଳି ବ୍ୟବସ୍ଥା ରହିବ। ଅତି କମ୍‌ରେ ୧୦୦ ନଟିକାଲ ମାଇଲ୍‌ସ ବା ୧୮୫କିମି ଦୂରରୁ ରୋଗୀଙ୍କୁ ଆଣିବା ପାଇଁ ହେଲିକପ୍ଟରଟି ଯେପରି ଥରକେ ଉଡ଼ାଣ କରିପାରିବ ସେନେଇ ଆବଶ୍ୟକୀୟ ଇନ୍ଧନ ସଦାବେଳେ ମହଜୁଦ୍ ରଖିବାକୁ କୁହାଯାଇଛି। ଏଥିପାଇଁ ରାଜ୍ୟ ସରକାର ଘରୋଇ ସଂସ୍ଥା ସହ ବର୍ଷକ ପାଇଁ ଚୁକ୍ତି କରିବେ।

## ବାଉଁଶ କୁଡ଼ିଆରେ ଚାଲିଛି ବିଦ୍ୟାଳୟ

ମାଲକାନଗିରି, ୨୧/୧୨ (ନି.ପ୍ର): କୁଡ଼ିଆରେ ବିଦ୍ୟାଳୟ । ଚାରିପଟେ ଖୋଲାମେଲା, ବାଉଁଶ ଫାଳିଆ ଘେରା ସ୍ଥାନରେ ଚାଲିଛି ପାଠପଢ଼ା । ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ବିକାଶ ଆଗେଇଛି ସତ, ହେଲେ ଏବେ ବି ଶିକ୍ଷା କ୍ଷେତ୍ର ବହୁ ପଛରେ ରହିଛି। ଧୁଲିପଟ ପଞ୍ଚାୟତର ଦଣ୍ଡାଲଗନ୍ଦି ଗ୍ରାମରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି । ଗ୍ରାମରେ ଭଙ୍ଗା ଟିଣ ଛପର ବାଡ଼ ଘେରା ବିଦ୍ୟାଳୟରେ ପାଠ ପଢୁଛନ୍ତି କୁନିକୁନି ଛାତ୍ରଛାତ୍ରୀ। ଗାଁରେ ସ୍କୁଲ ନଥିବା ଯୋଗୁଁ ଗ୍ରାମବାସୀ ନିଜେ ଏହି ବିଦ୍ୟାଳୟ ତିଆରି କରିଥିବା ଜଣାପଡିଛି। ସ୍କୁଲରେ ୫୨ଜଣ ଛାତ୍ରଛାତ୍ରୀ ଥିବା ବେଳେ ଦୁଇ ଜଣ ଶିକ୍ଷକ ରହିଛନ୍ତି। ହେଲେ ଶ୍ରେଣୀ ଗୃହଟିଏ ନାହିଁ। ବର୍ଷ ବର୍ଷ ଧରି ପିଲାମାନେ ପାଠ ପଢିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ପୂର୍ବତନ ସୈନିକ ସଂଘକୁ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ

ବଲାଙ୍ଗୀର, ୨୧/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପୂର୍ବତନ ସୈନିକ ସଂଘର ସମସ୍ତ କର୍ମକର୍ତ୍ତା ଫାଇଭ୍-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ସଂଘର କମ୍ୟୁନିଟି ହଲ୍‌ର ଉନ୍ନତିକରଣ ସକାଶେ ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସୈନିକ ସଂଘକୁ ପାଂଚଲକ୍ଷ ଅନୁଦାନ ପ୍ରଦାନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ଲାଲ୍‌ଟିକ୍ରାସ୍ଥିତ ସୈନିକ ସଂଘ କାର୍ଯ୍ୟାଳୟରେ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ରାଜ୍ୟ ହାଉସିଂ ବୋର୍ଡ଼ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ୱାର୍ଡ଼ ନମ୍ବର ୧ର କାଉନ୍‌ସିଲର ଶ୍ରୀମତୀ ସସ୍ମିତା ନନ୍ଦ, ୱାର୍ଡ଼ ନମ୍ବର ୨ର ସୁଶ୍ରୀ ସରିତା ଦାଶ, ୱାର୍ଡ଼ ନମ୍ବର ୨୧ର ଶତୃଘ୍ନ ବାଗ ପ୍ରମୁଖ ଉପସ୍ଥିତ ଥିବାବେଳେ ସୈନିକ ସଂଘର ସଭାପତି ବିଭୁତି ଭୂଷଣ ପାଣିଗ୍ରାହୀ, ଉପସଭାପତି ସର୍ବେରାମ ପଟେଲ, ସଂପାଦକ ତଥା ଓଡ଼ିଶା ଭେଟେରାନ୍ ସୋଲ୍‌ଜରସ୍ ଏସୋସିଏସନ୍‌ର ଉପସଭାପତି ପ୍ରତାପ ଚନ୍ଦ୍ର ରଥ, ସହ-ସମ୍ପାଦକ କୃଷ୍ଣଚନ୍ଦ୍ର ପରମଗୁରୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଶବର, ସଂଯୋଜକ ନବକୃଷ୍ଣ ପଟେଲ ତଥା ସଦସ୍ୟ କୃଷ୍ଣଚନ୍ଦ୍ର ପଟେଲ, ବାଲଗୋପାଳ ନାଥ, ନୀଳମଣି ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଶ୍ରୀ ରଥ ଏହି ମହତ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଫାଇଭ୍-ଟି ସଚିବ ବର୍ତ୍ତମାନ ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ହାଉସିଂ ବୋର୍ଡ଼ର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ୱାର୍ଡ଼ ନମ୍ବର ୨ର ସୁଶ୍ରୀ ସରିତା ଦାଶ, ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁଙ୍କୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ମେଡିକାଲ ଓ ସେଲ୍ସ ରିପ୍ରେଜେଂଟେଟିଭ୍ ମାନଙ୍କର ପ୍ରତିବାଦ ଓ ୨୪ ଘଂଟିଆ ଧର୍ମଘଟ

ବଲାଙ୍ଗିର, ୨୧/୧୨ (ନି.ପ୍ର): ମେଡିକାଲ ଓ ସେଲ୍ସ ରିପ୍ରେଜେଂଟେଟିଭ୍ ମାନଙ୍କର ସର୍ବ ଭାରତୀୟ ସଂଗଠନ ଫେଡେରେସନ୍ ଅଫ୍ ମେଡିକାଲ ଆଣ୍ଡ୍ ସେଲ୍ସ ରିପ୍ରେଜେଂଟେଟିଭ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଫ୍‌ଏମ୍‌ଆରଏଆଇ) ଓ ଆମ ରାଜ୍ୟରେ ଓଡିଶା ସେଲ୍ସ ରିପ୍ରେଜେଂଟେଟିଭ୍ ୟୁନିୟନ (ଓଶ୍ରୁ) ର ଡାକରାରେ ବଲାଙ୍ଗିର ରେ କାର୍ଯ୍ୟରତ ମେଡିକାଲ ଓ ସେଲ୍ସ ରିପ୍ରେଜେଂଟେଟିଭ୍ମାନେ କେନ୍ଦ୍ର ସରକାରଙ୍କ ସେଲ୍ସ ପ୍ରମୋସନ ଏମ୍ପ୍ଲୟିଜ୍ ଆକ୍ଟ କୁ ଉଚ୍ଛେଦ କରିବା ନିଷ୍ପତ୍ତି କୁ ବିରୋଧ କରି ଏବଂ ୮ ଦଫା ଦାବି ସମର୍ଥନରେ ୨୪ ଘଂଟିଆ ଧର୍ମଘଟ ରେ ଯୋଗ ଦେଇଛନ୍ତି । ବଲାଙ୍ଗିର ରେ ବିଭିନ୍ନ କମ୍ପାନୀ ରେ କାର୍ଯ୍ୟରତ ୪୦୦ ରୁ ଅଧିକ ଏମ୍‌ଆର ଧର୍ମଘଟ ରେ ଯୋଗଦେଇ କାର୍ଯ୍ୟ ବନ୍ଦ କରିଥିଲେ । ଧର୍ମଘଟ କେନ୍ଦ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା ରେ ଧାରଣା ରେ ବସି ସଂଗଠନ ତରଫରୁ କରାଯାଇଥିବା ଦାବି ଗୁଡିକ ବିଷୟରେ ବ୍ୟାଖ୍ୟା କରିଥିଲେ । ବଲାଙ୍ଗିର ଜିଲ୍ଲା ସଂପାଦକ ଲୋପନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଦିନ ଘ.୧୦ ଟାରେ ଏକ ର୍ୟାଲି ରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଏକତ୍ରିତ ହୋଇ ଏକ ସଭା କରିଥିଲେ ଏବଂ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବି ସମ୍ମିଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆଜିର ଏହି ସଭାରେ ୧୨୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ଏହି ସଭାରେ ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ଭାସ୍କର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାପୁନି ସାହୁ, ବଲାଙ୍ଗିର ଜିଲ୍ଲା ସମ୍ପାଦକ ଲୋପନ ମିଶ୍ର, ସାଥୀ ଶ୍ରୀକାନ୍ତ ମହାପାତ୍ର ଏବଂ ସାଥୀ ବିକାଶ କୁମାର ପାତ୍ର ନିଜର ବକ୍ତବ୍ୟ ରଖିଥିଲେ ଏବଂ ସାଥୀ ସିଦ୍ଧାର୍ଥ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ସାଥୀ ସଦ୍ସନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସର୍ବ ଭାରତୀୟ ଧର୍ମଘଟ ସଫଳ ହୋଇଥିଲା । ଓଶ୍ରୁ ଦ୍ୱାରା ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଅଛି ।

## ଏଡିଜେ କୋର୍ଟ ସ୍ଥାପନ ଦାବିରେ ମିଳିତ ନାଗରିକ ମଂଚ ଦ୍ୱାରା ୧୨ ଘଂଟିଆ ବନ୍ଦ ପାଳନ

ନୂଆପଡ଼ା, ୨୧/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ଠାରେ ଏଡିଜେ କୋର୍ଟ ସ୍ଥାପନ ଦାବିରେ ଆଜି ମିଳିତ ନାଗରିକ ମଂଚ ପକ୍ଷରୁ ବନ୍ଦ ପାଳନ କରାଯାଇଛି । ଖଡ଼ିଆଳ ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକ ଆଜି ସମ୍ପୂର୍ଣ ଭାବରେ ବନ୍ଦ ରହିଥିଲା । ମିଳିତ ନାଗରିକ ମଂଚର କର୍ମକର୍ତ୍ତା ମାନେ ଏକ ରେଲିରେ ବାହାରି ସହର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ ପରେ ଖଡ଼ିଆଳ, ବୋଡେନ ଓ ସିନାପାଲି ଅଂଚଳର ମୁଖ୍ୟ ସ୍ଥାନ ମାନଙ୍କରେ ବସି ରାସ୍ତା ଅବରୋଧ କରିଥିଲେ । ଏହି ବନ୍ଦ ଡାକରାରେ ଯାନବାହନ ଚଳାଚଳ ସମ୍ପୂର୍ଣ ଠପ ରହିଥିବା ବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଦୋକାନ ବଜାର ଆଦି ବନ୍ଦ୍ ରହିଥିଲା। ଖଡ଼ିଆଳ, ସିନାପାଲି, ବୋଡ଼େନ ଅଂଚଳର ଲୋକମାନେ ଛୋଟରୁ ଛୋଟ କୋର୍ଟ କାମ ପାଇଁ ଦୀର୍ଘ ୧୦୦ ରୁ ୧୪୦ କିଲୋମିଟର ପର୍ଯ୍ୟନ୍ତ ଯିବାକୁ ପଡିଥାଏ । ଯାହାକି ନୂଆପଡା ଜିଲ୍ଲା ସଦର ମହୁକମା ଠାରେ ଥିବା ଏଡିଜେ କୋର୍ଟ ଯିବାକୁ ପଡିଥାଏ । ଲୋକଙ୍କୁ ଯିବା ଆସିବା ପାଇଁ ବହୁ ଦୂର ହେବା କାରଣରୁ ଗୋଟିଏ ଦିନରେ କୋର୍ଟକୁ ଯାଇ ଫେରିବା ଅସମ୍ଭବ ହୋଇଥାଏ, ଯାହାଫଳରେ ଲୋକେ ନୂଆପଡା ସଦର ମହକୁମାରେ ରାତ୍ରି ଯାପନ କରି ଖର୍ଚ୍ଚାନ୍ତରେ ପଡୁଥିବା ଅଂଚଳର ଲୋକେ ଅଭିଯୋଗ କରି ଆସୁଛନ୍ତି । ଏହି ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଖଡ଼ିଆଳ ଠାରେ ଏକ ଏଡିଜେ କୋର୍ଟ ସ୍ଥାପନ କରିବା ନେଇ ଆଜି ମିଳିତ ନାଗରିକ ମଂଚ ସକାଳ ୬ଘଂଟା ରୁ ସନ୍ଧ୍ୟା ୬ଘଂଟା ଯାଏଁ ୧୨ ଘଂଟିଆ ବନ୍ଦ କରିଥିଲେ । ଲୋକଙ୍କୁ କମ ଖର୍ଚ୍ଚରେ ଦ୍ୱାରମୁହଁରେ ନ୍ୟାୟ ଯୋଗାଇ ଦେବାପାଇଁ ୨୦୧୭/୧୮ ମସିହାରୁ ମିଳିତ ଭାବରେ ଖଡ଼ିଆଳ, ସିନାପାଲି, ବୋଡ଼େନ ଓକିଲ ସଂଘ ଖଡ଼ିଆଳ ଠାରେ ଏଡିଜେ କୋର୍ଟ ସ୍ଥାପନ କରିବା ପାଇଁ ସରକାରଙ୍କ ପାଖରେ ଦାବୀ କରି ଆସୁଛନ୍ତି । ଏଥିପାଇଁ ମାନ୍ୟବର ହାଇକୋର୍ଟଙ୍କ ଠାରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇ ସାରିଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତି ପାଇଁ ଫାଇଲ ଦୀର୍ଘ ବର୍ଷରୁ ପଡିରହିଛି । ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ନ୍ୟାୟ ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ,ଖଡ଼ିଆଳ ଠାରେ ଏଡିଜେ କୋର୍ଟ ସ୍ଥାପନରେ ଅହେତୁକ ବିଳମ୍ବ ହେଉଛି । ଅପରପକ୍ଷେ ଖଡ଼ିଆଳ ଠାରେ ଏଡିଜେ କୋର୍ଟ ସ୍ଥାପନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଭୟାବହ ହେବ ବୋଲି ଚେତାବନୀ ଦିଆଯାଇଛି। ଆଜିର ଏହି ବନ୍ଦ ପାଳନରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ବିଜେପି ନେତା ପୃଥ୍ୱୀରାଜ ମହାନ୍ତିଙ୍କ ସମେତ ଶତାଧିକ ଆଇନଜୀବୀ ଓ ବୁଦ୍ଧିଜୀବୀ ସାମିଲ ରହି ବନ୍ଦ ପାଳନକୁ ସଫଳ କରିଥିଲେ ।

## କୁରାଳ ପଞ୍ଚମୀରେ ଭଜନ ସମାରୋହ

ପୁରୀ , ୨୧/୧୨ (ନି.ପ୍ର): କୁମ୍ଭକାରଙ୍କ ପବିତ୍ର ପର୍ବ କୁରାଳ ପଂଚମୀ ପର୍ବ ଅବସରରେ କୁମ୍ଭାରପଡାରେ ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସମାରୋହକୁ ଉଦଘାଟନ କରିଥିବା ବେଳେ ପୂର୍ବତନ କାଉନସିଲର ସୁଦର୍ଶନ ସାହୁ, ନାରୀନେତ୍ରୀ ଜ୍ୟୋତି ମହାପାତ୍ର, ସମାଜସେବୀ ଜଗଦାନନ୍ଦ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ କୁରାଳ ପଞ୍ଚମୀ ପର୍ବର ମହତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନାଟ୍ୟାଭିନେତା ଶିବସୁନ୍ଦର ମିଶ୍ର, ଆଡ଼ଭୋକେଟ ସୁଧାଂଶୁ ଶେଖର ରାୟଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ସଭାପର୍ବ ପରେ ଖୋର୍ଦ୍ଧା ବାଲିପାଟଣାର ବାଦ୍ୟଧ୍ୱନି ଭଜନ ସନ୍ଧ୍ୟା ପକ୍ଷରୁ ଗୁରୁ ବିଶ୍ୱରଂଜନ ନନ୍ଦଙ୍କ ସଂଯୋଜନାରେ କଳାକାରମାନେ ମନୋଜ୍ଞ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବହୁ ଅଞ୍ଚଳବାସୀ ଏହି ଭଜନ ସନ୍ଧ୍ୟାକୁ ମନଭରି ଉପଭୋଗ କରିଥିଲେ। କୁମ୍ଭାରପଡା ଯୁବପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ, କୈଳାସ ବିଶୋଇ, ପ୍ରକାଶ ବିଶୋଇ, ରସାନନ୍ଦ ବିଶୋଇ ଓ ଯୁବରାଜ ମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଧର୍ମଶାଳା, ୨୧/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଆୟୋଜିତ ହୋଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା ଯୋଗ ଦେଇ ଆନୁଷ୍ଠାନିକଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।ସାମାଜିକ କାର୍ଯ୍ୟମୁଖ୍ୟ ସଂଯୋଜକ ଅଧ୍ୟାପକ ଦିଲୀପ କୁମାର ସାହୁ 'ଯୌତୁକ ନିରୋଧ' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ନୋଡାଲ ଅଫିସର ପ୍ରାଧ୍ୟାପକ ଅକ୍ଷୟ କୁମାର ସାହୁ ଯୁବ ଓଡିଶା ନବୀନ ଓଡିଶା ଅଧିନରେ ଥିବା ସମସ୍ତ ସାମାଜିକ କାର୍ଯ୍ୟ ସମ୍ପର୍କରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପିକା ବନଲତା ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମାଜିକ କାର୍ଯ୍ୟରେ ଛାତ୍ରଛାତ୍ରୀମାନେ ସାମିଲ ହେଲେ ସମାଜ ଉପରେ ଏହାର ପ୍ରଭାବ ପଡିବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ମୁରବୀ ତଥା ମହାବିଦ୍ୟାଳୟର ପ୍ରାକ୍ତନ ଉପ-ସଭାପତି ବିପିନ ବିହାରୀ ଦେଓ,ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ପ୍ରମୁଖ ଯୋଗ ଦେଇ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବ୍ରହ୍ମବରଦା ମହାବିଦ୍ୟାଳୟରୁ ବାହାରି ସମସ୍ତ ଛକ ବଜାର ପରିକ୍ରମ କରିଥିଲେ । ଶେଷରେ ସାପ୍ତାହିକ ହାଟ ନିକଟରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟନିର୍ବାହୀ ଅଧ୍ୟାପକ ସୁକାନ୍ତ କୁମାର ସାହୁ,ସତ୍ୟାନନ୍ଦ ରାଉତ,ଆଲୋକ କୁମାର ବେହେରା,ଶ୍ରୀଧର ସାହୁ,ବୈଲୋଚନ ସାହାଣୀ,ବିଷ୍ଣୁ ମହାନ୍ତି,ବିଷ୍ଣୁ ଚରଣ ଓଝା,କ୍ରୀଡା ଶିକ୍ଷକ ସେକ୍ ନିଜାମୁଦ୍ଦିନ,ଅଧ୍ୟାପକ ରାଜକିଶୋର ପଣ୍ଡା,ଅଟଳ ବିହାରୀ ଜେନା,ଅରକ୍ଷିତ ସାହୁ ଓ ବଳରାମ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ପ୍ରତାପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ ବୋଲି ଜଣାପଡିଛି ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଂଟନ ଶିବିର

ଝାରସୁଗୁଡା , ୨୧/୧୨ (ନି.ପ୍ର): ଲଖନପୁର ବ୍ଲକ କୁମ୍ଭାରବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଛି। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିର ଉଦ୍ଘାଟନ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରି ଶ୍ରମିକମାନେ କିପରି ଅଧିକରୁ ଅଧିକ ସଂଖ୍ୟାରେ ଅନଲାଇନ ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରିବେ ଓ ପଞ୍ଜିକୃତ ଶ୍ରମିକ ମାନଙ୍କର କାର୍ଡ଼ ନବୀକରଣ କରାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଉପଭୋଗ କରିବାକୁ ଆହ୍ୱାନ ଜଣାଇଥିଲେ। କୌଣସି ମଧ୍ୟସ୍ଥି ଜରିଆରେ ଶ୍ରମିକ କାର୍ଡ଼ ପାଇଁ ଆବେଦନ ନକରିବାକୁ ବିଧାୟିକା ନିଜ ଅଭିଭାଷଣ ମାଧ୍ୟମରେ ବୁଝାଇଥିଲେ। ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା ଓ ସରପଞ୍ଚ କମଳ ଲୋଚନ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ଯୋଗାଇଦେବା ଓ ଅଧିକରୁ ଅଧିକ ଶ୍ରମିକ କିପରି ଉପକୃତ ହେବେ ସେ କ୍ଷେତ୍ରରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସହଯୋଗ କରିବାକୁ କହିଥିଲେ। ଶିବିରରେ ସହାୟତା ବାବଦକୁ ମୋଟ ୧୩୬ଜଣଙ୍କୁ ୮୮,୮୦, ୮୦୦ଟଙ୍କା ପ୍ରଦାନ କରାଯାଇଛି। ମୃତ୍ୟୁକାଳୀନ ସହାୟତା ବାବଦରେ ୨୧ଜଣଙ୍କୁ ୪୨,୦୦,୦୦୦ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ବାବଦରେ ୨୦ଜଣଙ୍କୁ ୧,୦୦,୦୦୦, ବିବାହ ସହାୟତା ବାବଦରେ ୯୨ଜଣଙ୍କୁ ୪୫,୫୦,୦୦୦ ପ୍ରସୂତିକାଳୀନ ସହାୟତା ବାବଦରେ ୩ଜଣଙ୍କୁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ୨୦୦ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ ଶିବିର ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସସ୍ମିତା ବିଶ୍ୱାଳ, କାର୍ଯ୍ୟକ୍ରମ ପରିଚାଳକ(ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ)ଜନ୍ମେଜୟ ସା, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲ୍ୟାଣ ସଂଯୋଜକ କାନ୍ତେଶ୍ୱର ମହାପାତ୍ର,ପ୍ରଶାନ୍ତ ମଣ୍ଡଳ,ଆଶିଷ ପ୍ରଧାନ ଓ ଦେବାଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମୀଣ ଶ୍ରମ ନିରୀକ୍ଷକ ବିମଳ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଙ୍ଗାଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଦ୍ୱାରା ମୁଖ୍ୟମନ୍ତ୍ରୀ ସଭାଗୃହ ଉଦ୍‌ଘାଟନ ଓ ବୈଠକ

ଭବାନୀପାଟଣା, ୨୧/୧୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଠାରେ ମୁଖ୍ୟମନ୍ତ୍ରୀ ସଭାଗୃହ ଓ ଗୋଶାଳା ଉଦଘାଟନ କରିଥିଲେ। ଏହି ଅବସରରେ କେସିଙ୍ଗା ଜଗନ୍ନାଥ ସାଂସ୍କୃତିକ କଲ୍ୟାଣୀ ମଣ୍ଡପ ଉଦ୍‌ଘାଟନ କରିଥିଲେ ଓ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୧୯ଲକ୍ଷ ଟଙ୍କାରେ କଲ୍ୟାଣ ମଣ୍ଡପ(ମୁଖ୍ୟମନ୍ତ୍ରୀ ସଭାଗୃହ)କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଆର୍ଥିକ ଅନୁଦାନରେ ନିର୍ମାଣ ହୋଇଥିଲା। ସୁନ୍ଦର ଏବଂ ଠିକ୍ ଭାବରେ ନିର୍ମାଣ ହୋଇଥିବାରୁ ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଉପରେ କୋଠା ନିର୍ମାଣ କରିବାକୁ କେସିଙ୍ଗା ଅଂଚଳବାସୀ ତଥା କର୍ମକର୍ତ୍ତାମାନେ ଆଗାମୀ ଦିନରେ ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ପୁଣି ଅନୁରୋଧ କରିଥିଲେ। କେସିଙ୍ଗାର ଗୋଶାଳାକୁ ୯ଲକ୍ଷ ଟଙ୍କାରୁ ନିର୍ମାଣ ହୋଇଥିବା ମଧ୍ୟ ଉଦଘାଟନ କରିଥିଲେ। କଲ୍ୟାଣ ମଣ୍ଡପରେ ବୈଠକରେ ବିଭିନ୍ନ ଅଂଚଳର ଦରଖାସ୍ତ ଗ୍ରହଣ କରିଥିଲେ। ଗୁର୍ଜୁଙ୍ଗ ପଂଚାୟତ ଭବାନୀପାଟଣା ବ୍ଲକ ଲୁହର ଖୁଇନ ପୋଖରୀକୁ ୨୭ଲକ୍ଷ ଟଙ୍କା ପ୍ରଦାନ ପାଇଁ ବିଜେଡି କର୍ମକର୍ତ୍ତାସୁଶୀଲ କୁମାର ସାହୁ, ଜୟକୃଷ୍ଣ ବେହେରା, ଧନୁର୍ଜୟ ବାଗ ନରେଶ ହରିଜନଙ୍କ ଦରଖାସ୍ତଙ୍କୁ ସହମତି ଦେଇଥିଲେ। ଯଥାଶୀଘ୍ର ପୋଖରୀ କାମ କରାଯିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ବୈଠକରେ ଅସିତ କୁମାର ତ୍ରିପାଠୀ ଅଧ୍ୟକ୍ଷ, ସମ୍ମାନିତ ଅତିଥି ଡାକ୍ତର ଅଜିତ କୁମାର ମିଶ୍ର, ଜିଲ୍ଲାପାଳ ପି ଅନ୍ନେସା ରେଡି, ପାଓ୍ୱାର ସଚିନ ପ୍ରକାଶ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ସମେତ ଅନେକ ପଦ ପଦବୀ କର୍ମକର୍ତ୍ତା ବୁଦ୍ଧିଜୀବୀ, ସମାଜସେବି ଉପସ୍ଥିତ ଥିଲେ।

## ବୋରିଗୁମ୍ମା ବ୍ଲକରେ ଆଜିଠାରୁ ଆରମ୍ଭ ହେଲା ଖରିଫ ମଣ୍ଡି

ଜୟପୁର , ୨୧/୧୨ (ନି.ପ୍ର): ଚଳିତ ବର୍ଷର ଖରିଫ ମଣ୍ଡି ଆଜି କାମରାଠାରେ ଶୁଭ ଉଦଘାଟନ ହୋଇଛି। ବୋରିଗୁମ୍ମା ବ୍ଲକ କାମରା ଠାରେ ମଣ୍ଡି ଆରମ୍ଭ ହୋଇଛି। ଆଜି ମଣ୍ଡି ଉଦ୍ଘାଟନୀ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ ଯୋଗ ଦେଇଥିଲେ। ସେହିପରି ଏସଏସଓ ସୁଶୀଲ ଜେନା, ଉପ ଜିଲ୍ଲାପାଳ ପ୍ରଭାତ ପରିଡା, କେସିସି ବ୍ୟାଙ୍କ ଅଧ୍ୟକ୍ଷ ମନୋଜ ଦାସ , ଏମଆଇ ବିଶ୍ୱଜିତ ଦାସ , ନବରଙ୍ଗପୁର ସାଂସଦ ପ୍ରତିନିଧି କେଶବ ପଣ୍ଡା,ଜୋନ ୧ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ଏବଂ ନିୟନ୍ତ୍ରିତ ବଜାର କମିଟି ଏବଂ ଲ୍ୟାମ୍ପ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।ଆଜିଠାରୁ ଟୋକେନ୍ ଇସ୍ୟୁ ହେଉଥିବା ଚାଷୀଙ୍କ ଧାନ କିଣା ହେବ ବୋଲି କହିଛନ୍ତି।

# ଆଣବିକ ଶକ୍ତିର ଆବଶ୍ୟକତା

**ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କେବଳ ଶକ୍ତି ମାଧ୍ୟମରେ ସୀମିତ ନୁହେଁ। କୃଷି, ଖାଦ୍ୟ ଉତ୍ପାଦନ, ସଂରକ୍ଷଣ, ଭେଷଜ ବିଦ୍ୟା ଓ ଜଳର ଲବଣାଂଶ ହ୍ରାସ କରିବା ଆଦି ମଧ୍ୟରେ ଏହାର ଯଥେଷ୍ଟ ଉପଯୋଗ ରହିଛି।**



ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ୧୯୪୫ ଅଗଷ୍ଟ ୬ ତାରିଖ ଦିନ ଜାପାନର ଦୁଇ ସମୃଦ୍ଧ ସହର ହିରୋସୀମା ଓ ନାଗାସାକି ଉପରେ ପ୍ରଥମ ପରମାଣୁ ବୋମା ନିକ୍ଷେପ କରିଥିଲା। ବୋମାଟିର ନାମ ରଖାଯାଇଥିଲା ଲିନବୟ। ଏହାର ପରିଣତି ଏତେ ଭୟାବହ ଥିଲା ଯେ ଏଥିରେ ଜାପାନର ଅନ୍ୟୁନ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ସଂଖ୍ୟାଧିକ ଲୋକ ପଙ୍ଗୁ ଓ ବିକଳାଙ୍ଗ ହୋଇଯାଇଥିଲେ। ବର୍ତ୍ତମାନ ଆଣବିକ ଆତଙ୍କବାଦର ଭୟ ସମଗ୍ର ବିଶ୍ୱ ସମ୍ମୁଖରେ ଏକ ଆହ୍ୱାନ ଦେଇଛି। ଏହି ବିପଦ ପ୍ରତିହତ କରିବା ପାଇଁ ପଦକ୍ଷେପ ନେବା ସକାଶେ ଭାରତ ଜାତିସଂଘ ସାଧାରଣ ସଭା ସମ୍ମୁଖରେ ପ୍ରସ୍ତାବ ରଖିଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୦ ଦଶକରେ ସମସ୍ତ ପ୍ରକାର ଆଣବିକ ଅସ୍ତ୍ରଶସ୍ତ୍ରର ମୁଳୋତ୍ପାଟନ ଲାଗି ଦୃଢ଼ ଯୁକ୍ତି ବାଢ଼ିଥିଲେ। ୧୯୮୮ ରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଜାତିସଂଘ ସାଧରଣ ସଭା ସମ୍ମୁଖରେ ଆଣବିକ ଅସ୍ତ୍ରଶସ୍ତ୍ରର ମୂଳୋତ୍ପାଟନ ନିମନ୍ତେ ଏକ ବିସ୍ତୃତ କାର୍ଯ୍ୟକାରୀ ଯୋଜନା ଉପସ୍ଥାପନ କରିଥିଲେ। ଉଭୟ ଅମେରିକା ଓ ଋଷିଆ ଅଣୁ ଅସ୍ତ୍ର ହ୍ରାସ କରବା ପାଇଁ ଆଲୋଚନା କରିଛନ୍ତି। ନିକଟ ଅତୀତରେ ରାଷ୍ଟ୍ରପତି ବାରାକ ଓବାମା ପ୍ରାଗ୍ ଠାରେ ଏକ ମହତ୍ତ୍ୱପୂର୍ଣ୍ଣ ଭାଷଣରେ ଜାତୀୟ ସୁରକ୍ଷା ପଦ୍ଧତିରେ ଏକ ଅଣୁଅସ୍ତ୍ର ମୁକ୍ତ ବିଶ୍ୱ ଗଠନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ୧୯୫୫ରେ ଜେନେଭା ଠାରେ ଆଣବିକ ଶକ୍ତି ଉପରେ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଡକ୍ଟର ହୋମି ଜାଭା କହିଥିଲେ "ଅନୁନ୍ନତ ଦେଶଗୁଡ଼ିକର ଶିଳ୍ପକରଣ, ଆମ ସଭ୍ୟତାର ଅଗ୍ରସରତା ଓ ବିକାଶ ନିମନ୍ତେ ପରମାଣୁ ଶକ୍ତି ଯେ କେବଳ ଏକ ସହାୟତା ତା'ନୁହେଁ ଏହା ହେଉଛି ଅପରିହାର୍ଯ୍ୟ। ପରମାଣୁ ଶକ୍ତିର ଉଦ୍ୟୋଗୀକରଣ ତଥା ଏହାର ଉପଯୋଗ ଉପରେ ଜ୍ଞାନ ଆହରଣକୁ ମାନବ ଇତିହାସର ତୃତୀୟ ଯୁଗାନ୍ତକାରୀ ଘଟଣା ଭାବରେ ସ୍ୱୀକାର କରିବାକୁ ହେବ।''

ଭାରତ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କ୍ଷେତ୍ରରେ ବିକାଶଶୀଳ ଦେଶଙ୍କ ମଧ୍ୟରେ ଅଗ୍ରଣୀ ହୋଇପାରିଛି। ଆମ ଦେଶର ତ୍ରିସ୍ତରୀୟ ଆଣବିକ କାର୍ଯ୍ୟକ୍ରମର ପ୍ରଥମ ସ୍ତରରେ ଯେଉଁ ଚାପକୃତ ଗୁରୁଜଳ ପ୍ରକ୍ରିୟା ଓ ସଂଶ୍ଳିଷ୍ଟ ଇନ୍ଧନ ସାଇକଲ ସୁବିଧା ସ୍ଥାପନ ବ୍ୟବସ୍ଥା ଥିଲା ତାହା ପୂର୍ଣ୍ଣାଙ୍ଗ ସ୍ତରରେ ପହଞ୍ଚିଛି। ଦ୍ୱିତୀୟ ସ୍ରୋତରେ ରହିଛି ଫାଷ୍ଟ ବ୍ରିଡର ପ୍ରକ୍ରିୟାକ ସ୍ଥାପନା ତଥା ପୁନଃ ପ୍ରକ୍ରିୟାକରଣ ପ୍ଲାଣ୍ଟ ଓ ପ୍ଲାଟୋନିୟମ ଭିତ୍ତିକ ଇନ୍ଧନ ଫାବ୍ରିକେଶନ ପ୍ଲାଣ୍ଟ ସ୍ଥାପନ। କଳ୍ପକମଠାରେ ପ୍ରୋଟୋଟାଇପ ଫଷ୍ଟବ୍ରିଡର ପ୍ରକ୍ରିୟା ନିର୍ମାଣ ସହିତ ଆମେ କର୍ଯ୍ୟକ୍ରମର ଦ୍ୱିତୀୟ ସ୍ତରର ପ୍ରବେଶ କରୁଛୁ। ଥୋରିୟମ ଇନ୍ଧନର ପ୍ରକ୍ରିୟାକରଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏକ ଉନ୍ନତ ଗୁରୁଜଳ ପ୍ରକିୟା ନିକଟ ଭବିଷ୍ୟତରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି।

ବର୍ତ୍ତମାନ ଶକ୍ତି ନିଅଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଆମ ଦେଶର ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଆଗାମୀ ୧୫ବର୍ଷ ମଧ୍ୟରେ ୨,୪୦,୦୦୦ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ପାରମ୍ପରିକ ଜଳ ବିଦ୍ୟୁତ ଓ ତାପଜ ବିଦ୍ୟୁତ ଉପରେ ଆଉ ଅଧିକ ନିର୍ଭର କରାଯାଇପାରିବ ନାହିଁ। ପୁଣି ତାପଜ ଶକ୍ତି କେନ୍ଦ୍ରରୁ ନିର୍ଗତ ହେଉଥିବା ଖାଦ ପାଉଁଶ ବା ଫ୍ଲାଇ ଆଶ୍ ପରିବେଶ ପାଇଁ କ୍ଷତିକାରକ। ଆମ ଦେଶରେ ୧୯ଟି ଆଣବିକ ପ୍ରକ୍ରିୟାକୁ ଏବେ ସର୍ବମୋଟ ୪୫.୬୦ ମେଗାୱାଟ ଆଣବିକ ଶକ୍ତି ଉତ୍ପାଦନ କରିବାର କ୍ଷମତା ରହିଛି। ଏହାର ସବିଶେଷ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ।






**୨୦୨୦ ସୁଦ୍ଧା ଦେଶରେ ୨୫,୦୦୦ ମେଗାୱାଟ ଆଣବିକ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ** ଧର୍ଯ୍ୟ କରାଯାଇଛି। ତେବେ ଭାରତ କେଉଁ କାରଣରୁ ଆଣବି ପ୍ରକ୍ରିୟନ ମାଧ୍ୟମରେ ବିଦ୍ୟୁତ ଶକ୍ତି ଉତ୍ପାଦନ କରୁଥିବାର ପରିମାଣ ମାତ୍ର ଶତକଡ଼ା ୨.୯ ଭାଗ, ତୁଳନାତ୍ମକ ଭବେ ଦେଖିବକୁ ଗଲେ ଲିଥୁଆନିଆ ଶତକଡ଼ା ୮୦, ଫ୍ରାନ୍ସ ଶତକଡ଼ା ୭୮, ସ୍ୱିଡେନ ଶତକଡ଼ା ୫୦, କୋରିଆ ଶତକଡ଼ା ୪୦ ଏବଂ ଜର୍ମାନୀ ଓ ଇଂଲଣ୍ଡ ଶତକଡ଼ା ୨୫ଭାଗ ବିଦ୍ୟୁତ ଶକ୍ତି ପରିମାଣ କ୍ଷେତ୍ରରୁ ଉତ୍ପାଦନ କରନ୍ତି। ଏହାର ମୁଖ୍ୟ କରଣ ହେଉଛି ଉନ୍ନତ ରାଷ୍ଟ୍ରମାନେ ପ୍ରଥମ ପୋଖରାନ ପରୀକ୍ଷଣ ପରେ ଆମ ଦେଶକୁ ଅଧିକାଂଶ ପରିମାଣରେ ଜାଳେଣି ଯୋଗାଇବା କମାଇ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ-ଆମେରିକା ପରମାଣୁ ରାଜିନାମା ଆଣବିକ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ପ୍ରତିପାଦିତ କରିପାରିଛି।

ଆଣବିକ ଶକ୍ତିର ବହୁବିଧ ଉପଯୋଗ: ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କେବଳ ଶକ୍ତି ମାଧ୍ୟମରେ ସୀମିତ ନୁହେଁ। **କୃଷି, ଖାଦ୍ୟ ଉତ୍ପାଦନ, ସଂରକ୍ଷଣ, ଭେଷଜ ବିଦ୍ୟା ଓ ତଳର ଲବଣାଂଶ ହ୍ରାସ କରିବା** ଆଦି ମଧ୍ୟରେ ଏହାର ଯଥେଷ୍ଟ ଉପଯୋଗ ରହିଛି। ଭାରତରେ ଆମେ ଆଣବିକ ପଦ୍ଧତି ଦ୍ୱାରା ୩୭ କିସମର ବୀଜ ସଫଳ ଭାବରେ ବିକଶିତ କରିପାରିଛୁ। କଳ୍ପକମଠାରେ ଏକ ଅଣବିକ ଡି-ସାଲିନେଶନ ପ୍ଲାଣ୍ଟ ସ୍ଥାପନ କରାଯାଇଛି।



ବିଶ୍ୱର ହିତ ପାଇଁ ପରମାଣୁ ଶକ୍ତି ପ୍ରୟୋଗ ନିମନ୍ତେ ଅନେକ ବୁଦ୍ଧିମତ୍ତା ବଳରେ ହିଁ ମନୁଷ୍ୟ ସୁରକ୍ଷା ସହ ମାନବୀୟ ପ୍ରଗତି ଶକ୍ତିର ଉପଯୋଗ ଲାଗି କରିବ। ଅନ୍ୟଥା ଫଳାଫଳ ତଥା ଶକ୍ତି ଓ ପ୍ରଗତି ପ୍ରତିହତ

# ସୁସ୍ୱାଦୁ ପିଜୁଳି

**ପିଜୁଳି ଏକ ସୁସ୍ୱାଦୁ ଫଳ। ଏଥିରେ ଭିଟାମିନ ସି, ଏବି-୨, ଇ ଏବଂ କେ, ଫାଇବର, କ୍ୟାଲସିୟମ, ଆଇରନ ତତ୍ତ୍ୱ ଅଧିକମାତ୍ରାରେ ଥାଏ। ପିଜୁଳିକୁ ସେଥିପାଇଁ ସୁପର ଫ୍ରୁଟ୍ କୁହାଯାଏ। ପିଜୁଳି ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ।**



ଦୃଷ୍ଟିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଦୃଷ୍ଟିଶକ୍ତି ବଢ଼ିବା ପାଇଁ ଭିଟାମିନ ଏର ଅଧିକ ଆବଶ୍ୟକତା ଥାଏ। ପିଜୁଳିରେ ଗୁଣବତ୍ତା ଭଳି ରହିଥିବାରୁ ଏହାକୁ ପ୍ରତ୍ୟହ ଖାଇଲେ ସ୍ୱାସ୍ଥ୍ୟପାଇଁ ଫଳପ୍ରଦ ହୋଇଥାଏ। ଆଖିର ଦୃଷ୍ଟିଶକ୍ତି ମଧ୍ୟ ତେଜ ହୋଇଥାଏ।

ତ୍ୱଚା ପାଇଁ: ଯଦି ଆପଣ କମ୍ ବୟସରୁ ବୟସ୍କ ଲାଗୁଛନ୍ତି ଏବଂ ଚେହେରାରେ ଚମକ ଆସୁନାହିଁ। ଏଥିପାଇଁ ଲାଲ ରଙ୍ଗର ପିଜୁଳି ଅଧିକ ଉତ୍ତମ ହୋଇଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ତ୍ୱଚାକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥାଏ।

ଥାଇରଏଡ଼ ସମସ୍ୟା- ପିଜୁଳିରେ ଥାଇରଏଡ଼ ତତ୍ତ୍ୱ ଥିବାରୁ ଏହା ସୁଫଳ ଦେଇଥାଏ। ଥାଇରଏଡ଼କୁ ନିୟନ୍ତ୍ରଣରେ ରଖିବାକୁ ହେଲେ ପ୍ରତିଦିନ ପିଜୁଳି ଖାଆନ୍ତୁ। ପିଜୁଳି ପତ୍ର ଚା' ରୂପରେ ସେବନ କଲେ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଫଳପ୍ରଦ ହେଇଥାଏ।

ହୃଦ ସମ୍ବନ୍ଧୀୟ ରୋଗ- ଆଜିକାଲି ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସଭିଏଁ ହୃଦରୋଗରେ ପୀଡ଼ିତ ହେଉଛନ୍ତି। ଏଥିପାଇଁ ନିଦାନ ମଧ୍ୟ ହୋଇଥାଏ ପିଜୁଳି। ନିୟମିତ ପିଜୁଳି ଖାଇଲେ ଏହା ରକ୍ତଚାପକୁ ନିୟନ୍ତ୍ରଣ ରଖିଥାଏ। ଯଦ୍ୱାରା ହୃଦରୋଗ ନିୟନ୍ତ୍ରଣରେ ରହେ।

କର୍କଟ ରୋଗରୁ ମୁକ୍ତି- ପିଜୁଳିରେ ଲାଇକୋପିନ, ଭିଟାମିନ ସି, ଫୋଲିଫେନାଲ୍ସ ଥାଏ, ଯାହା ଟ୍ୟୁମର ଏବଂ କର୍କଟ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ। ପିଜୁଳି ଖାଇଲେ ମୁହଁ, ତ୍ୱଚା ସ୍ତନ ଏବଂ ପେଟରେ ହେଉଥିବା କର୍କଟ ଉପରେ ମଧ୍ୟ ଲଗାମ ରହେ।

# ଉପଯୋଗୀ ଖାଦ୍ୟ



ବିଭିନ୍ନ ପ୍ରକାରର ଖାଦ୍ୟପେୟ ଶରୀର ପାଇଁ ଉପକାରୀ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ। ହେଲେ ନିୟମିତ ଭାବରେ କେତେକ ଖାଦ୍ୟ ଖାଇବା ଶରୀର ପାଇଁ ଖୁବ୍ ଉପକାରୀ ଅଟେ। ନିକଟରେ କାଲିଫର୍ଣ୍ଣିଆର ଗବେଷକ ଦଳ ଉତ୍ତମ ଶଦ୍ୟର ଏକ ତାଲିକା ପ୍ରକାଶ କରିଛନ୍ତି, ଯାହା ଶରୀର ଓ ମସ୍ତିଷ୍କକୁ କାର୍ଯ୍ୟକ୍ଷମ ରଖିଥାଏ।

- ଅଧିକାଂଶ ଲୋକ ଚା' ପିଇବାକୁ ଭଲ ପାଆନ୍ତି। ଚା' ପାନୀୟ ପ୍ରିୟ ବ୍ୟକ୍ତି ଦୈନିକ ଗ୍ରୀନ ଟି (ସବୁଜ ଚା)ରୁ ଦିନ ଆରମ୍ଭ କରିବା ଉଚିତ।
- ବୟସାଧିକ୍ୟ ହେଲେ ସ୍ମୃତି ହ୍ରାସ ପାଏ। ସେଭଳି ପରିସ୍ଥିତିରେ ଚକୋଲେଟ ଖାଇବା ଭଲ। ସେଥିରେ ଥିବା କୋକୋ ସ୍ମୃତଶକ୍ତି ବୃଦ୍ଧିରେ ସାହାଯ୍ୟ କରେ।
- ଟମାଟୋ ନିୟମିତ ଖାଆନ୍ତୁ। ଏଥିରେ ଥିବା ଲାଇକୋପିନ ଶରୀର ପାଇଁ ଅତ୍ୟନ୍ତ ଲାଭପ୍ରଦ।
- ଦହି ଖାଇଲେ ସ୍ମୃତି ଶକ୍ତିର ପ୍ରଭାବ ଭଲ ରହିବା ସହ ଦହି ମସ୍ତିଷ୍କକୁ ସଜାଗ ରଖିବା ପାଇଁ ଉତ୍ତମ ଖାଦ୍ୟ।

# ଉପକାରୀ ବନ୍ଧାକୋବି



- ବନ୍ଧାକୋବି କମ୍ କାଲୋରିଯୁକ୍ତ ପରିବା। ଏଥିରୁ ଭିଟାମିନ ସି, ଏ, ବି-୨, ବି-୬, ପଟାସିଅମ, କାଲସିଅମ କିଙ୍ଗ, ଆଇରନ ଆଦି ମିଳେ।
- ଏଥିରେ ଥିବା ଆମିନୋ ଏସିଡ୍ ମାଂସପେଶୀ ଯନ୍ତ୍ରଣା ଉପଶମ କରାଏ। କ୍ଷତ ଆରୋଗ୍ୟ କରାଏ। ଲାକଟିକ୍ ଏସିଡ୍ ମାଂସପେଶୀ ମଜଭୂତ ରଖେ।
- ଆଖି ପାଇଁ ବନ୍ଧାକୋବି ଭଲ। ମୋତିଆ ବିନ୍ଦୁରେ ଆକ୍ରାନ୍ତ ହୋଇଥିଲେ ନିୟମିତ ବନ୍ଧାକୋବି ଖାଆନ୍ତୁ।
- ବନ୍ଧାକୋବିର ତନ୍ତୁ ଉପାଦାନ ଖାଦ୍ୟକୁ ହଜମ କରାଏ। କୋଷ୍ଠକାଠିନ୍ୟ ସମସ୍ୟା ଦୂରହୁଏ।
- ବନ୍ଧାକୋବି କର୍କଟ ପ୍ରତିରୋଧୀ। ଏଥିରେ ଥିବା ଭିଟାମିନ ସି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ।
- ଅତି ବାଇଗଣୀ ସୌର-ରଶ୍ମି ପ୍ରଭାବରୁ ବନ୍ଧାକୋବି ତ୍ୱଚାକୁ ସୁରକ୍ଷିତ ରଖେ। ବନ୍ଧାକୋବିର କଅଁଳିଆ ପତ୍ରର ରସ ବ୍ରଣ ସମସ୍ୟା ଦୂର କରାଏ।
- ସମାନ ପରିମାଣର ଗାଜର ଓ ସବୁଜ ବନ୍ଧାକୋବି ରସ କେଶ ମୂଳରେ ଲଗାନ୍ତୁ। କେଶ ଗହଳ ହେବା ସହ ରୂପି ସମସ୍ୟା ଦୂରହେବ।

# ସିଜରିଆନ ଶିଶୁ ମୋଟା ହେ୍ବାର୍ ଭୟ୍ଥାଏ



ଏକ ଅଧ୍ୟୟନରୁ ଜଣାପଡ଼ିଛି କି ଯେଉଁ ଶିଶୁଙ୍କ ଜନ୍ମ ଅସ୍ତ୍ରୋପଚାର ଜରିଆରେ ହୋଇଥାନ୍ତି, ସେମାନଙ୍କ ଠାରେ ପ୍ରାୟତଃ ସାମାନ୍ୟତମ ଭାବେ ପ୍ରସବ ହୋଇଥିବା ଶିଶୁଙ୍କ ତୁଳନାରେ ମୋଟା ହେବାର ସମ୍ଭାବନା ୧୫ ପ୍ରତିଶତ ଅଧିକ ରହିଥଏ। ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି କି କେବଳ ଶିଶୁ ପିଲା ଦିନେ ମୋଟା ହୁଅନ୍ତି ତାହା ନୁହେଁ ଏହି ମୋଟାପଣ ସେମାନଙ୍କର ବୟସ୍କ ପର୍ଯ୍ୟନ୍ତ ମଧ୍ୟ ଦେଖାଦେଇଥାଏ। ହରୱାର୍ଡ଼ ପବ୍ଲିକ ହେଲଥ ଟିଏଚ ଚୀନ ସ୍କୁଲର ସହାୟକ ପ୍ରଫେସର ଜର୍ଜ ଚୱାରୀ କହିଛନ୍ତି କି ନିକଟରେ ସିଜରିୟାନ ପ୍ରସବ ଉପରେ ବହୁ ମାମଲା ଦେଖିବାକୁ ମିଳିଛି କି ଏପରି ହୋଇଛି କି ପିଲା ଦିନରେ ଯେଉଁ ଶିଶୁମାନେ ସିଜରିଆନ ହୋଇ ଜନ୍ମ ହୋଇଥିଲେ ସେମାନେ ବୟସ୍କରେ ପରିଣତ ହେବା ପରେ ଏମାନଙ୍କ ଜୀବନ ବଞ୍ଚାଇବାର ଆବଶ୍ୟକ ହୋଇପଡ଼ିଛି। କିନ୍ତୁ ଅନ୍ୟପକ୍ଷରେ ସିଜରିଆନ ଶିଶୁ ପାଇଁ ଉଭୟେ ମା' ଓ ପିଲା ଉଭୟଙ୍କ ପାଇଁ ଭୟ ରହିଛି। ଏଥିସହିତ ଚୱାରୀ କହିଥିଲେ କି ଏହି ଅଧ୍ୟୟନରେ ବହୁ ଭଲଭଲ ପ୍ରମାଣ ମିଳିଛି କି ସିଜରିଆନ ପ୍ରସବ ହେବା ଫଳରେ ପିଲାଦିନରୁ ପିଲା ମୋଟାପା ଭିତରେ ଗତିକରିବା ବାସ୍ତିକ ସମ୍ବନ୍ଧ ରହିଥାଏ। ଏହାର ନିଷ୍କାଷି କହୁଛି କି ପରିବାର ଭିତରେ ସିଜରିଆନ ପ୍ରସବ ଫଳରେ ଜନ୍ମିତ ଶିଶୁ ସାମାନ୍ୟ ୬୪ ପ୍ରତିଶତ ଅଧିକ ରହିଥାଏ। ସେ ଏଥିପଇଁ ଏହା କହିଥିଲେ କାହିଁକି ନା କେବଳ ପ୍ରସବ ଉପାୟ ବ୍ୟତୀତ ଭାଇଭଉଣୀ ମଧ୍ୟରେ ମଧ୍ୟ ମୋଟାପଣ ଦେଖିବାକୁ ମିଳିଛି କି ଅଧିକାଂଶ ସିଜରିଆନ ହୋଇଥିବା ଶିଶୁ ଗୋଟିଏ ଘରେ ସାମାନ୍ୟ ଭାବରେ ଜନ୍ମ ହୋଇଥିବା ଶିଶୁଙ୍କ ତୁଳନାରେ ମୋଟା ହୋଇଥାନ୍ତି। ଏଥିରେ କେତେକ ସ୍ଥାନରେ ଅନୁବଂଶିକ ଲକ୍ଷଣ ମଧ୍ୟ ସାମିଲ ହୋଇଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଡିସେମ୍ବର ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି ଫେରିଲା କରୋନା...

ବିଶ୍ୱରେ ପୁଣି ଥରେ କରେନା ଭାଇରସ୍ ଆତଙ୍କ ଖେଳାଇଛି । ଚୀନ୍‌ରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ କୋଭିଡ୍-୧୯ର ନୂଆ ଭାଇରସ୍‌ର ରୋଗୀ ଦେଖାଗଲେଣି । ସିଙ୍ଗାପୁରରେ ମଧ୍ୟ ହଜାର ସଂଖ୍ୟାରେ ସଂକ୍ରମିତ ରୋଗୀ ଦେଖିବାକୁ ମିଳୁଛନ୍ତି । ଏବେ ଆମ ଦେଶରେ ମଧ କରୋନାର ନୂଆ ଭାରିଆଣ୍ଟ୍ ଜେଏନ୍.୧ର ପ୍ରବେଶ ହୋଇସାରିଲାଣି । ପୂରା ଦେଶରେ ଗତ ୨୪ ଘଣ୍ଟା ମଧରେ ୧୪୨ରୁ ଅଧିକ ରୋଗୀ ଚିହ୍ନଟ ହୋଇସାରିଲେଣି । ଯଦିଓ ଆମ ଦେଶରେ ୨୦୨୦ର ମହାମାରୀ ପରଠାରୁ ଆଇସିଏମ୍ଆରର ସର୍ଭିଲାନ୍ସ ସିଷ୍ଟମ୍ ଲଗାତର କାମ କରୁଛି ଯେପରି ନୂଆ ଭାଇରସ୍ ବା ମ୍ୟୁଟାଣ୍ଟ ସମ୍ପର୍କରେ ଜାଣିହେବ । ଅର୍ଥାତ ପୂରା ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା କରୋନା ଭାଇରସ୍ ଏବେ ବି ସକ୍ରିୟ ହୋଇ ରହିଛି । ବିଗତ ବର୍ଷଗୁଡ଼ିକରେ ନୂଆ ନୂଆ ରୂପରେ କରୋନା ଆମ ସମ୍ମୁଖକୁ ଆସିଛି । ବର୍ତ୍ତମାନ କରୋନାର ନୂଆ ରୂପ ଭାବରେ ଜେଏନ୍.୧ ପୂରା ବିଶ୍ୱର ବୈଜ୍ଞାନିକମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇ ସାରିଲାଣି । ସମୟ ସମୟରେ ନିଜର ରୂପ ବଦଳେଇ ଆସୁଥିବା କରୋନାର ନୂଆ ଭାରିଆଣ୍ଟ୍ ଜେଏନ୍. ୧ର ପ୍ରଥମ ମାମଲା ଏହି ମାସର ୮ ତାରିଖରେ କେରଳରେ ଦେଖାଦେଇଥିଲା । ଏବେ କେରଳ ଓ କର୍ଣ୍ଣାଟକରେ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ କେବଳ ଏହି ରାଜ୍ୟଗୁଡ଼ିକରେ ନୁହେଁ, ପୂରା ଦେଶର ଲୋକମାନଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି କେନ୍ଦ୍ର ସରକାର । ତେବେ ଏହି ଭାଇରସ୍ କେତେ ବିପଦଜନକ ତାହା ଆଗାମୀ ଦିନରେ ଜଣାପଡିବ । କିନ୍ତୁ ବୈଜ୍ଞାନିକମାନଙ୍କ ଅନୁସାରେ ଅନ୍ୟ ଭାରିଆଣ୍ଟ୍ ତୁଳନାରେ ଜେଏନ୍. ୧ ଅଧିକ ସଂକ୍ରାମକ । କେବଳ ଏତିକି ନୁହେଁ ଆମର ରୋଗ ପ୍ରତିରୋଧକ ଶକ୍ତି ପାଇଁ ଏହା ଅଧିକ ବିପଦଜନକ । ଜେଏନ୍.୧ କରୋନାର ନୂଆ ଭାରିଆଣ୍ଟ୍ ଯାହା ଏକ୍ସବିବି. ୧.୫ ଓ ଏଚ୍.୧ ଭାରିଆଣ୍ଟ୍ ଠାରୁ କେତେ ଗୁଣ ଅଧିକ କ୍ଷତିକାରକ ହୋଇପାରେ । ସାର୍ସ-କୋଭ୍-୨ ଭାରିଆଣ୍ଟ୍ ଜେଏନ୍. ୧ର ଟ୍ରେନ୍ ଇଂଲଣ୍ଡ, ଫ୍ରାନ୍ସ, ଆଇସ୍‌ଲ୍ୟାଣ୍ଡ ସମେତ ଆମେରିକା ପରି ଦେଶଗୁଡ଼ିକରେ ଦ୍ରୁତ ଗତିରେ ବ୍ୟାପୁଛି । ଏହା ସହିତ ଗ୍ୟାଷ୍ଟୋଇଣ୍ଟେଷ୍ଟାଇନଲ୍‌ର ଲକ୍ଷଣ ମଧ ସାମିଲ ରହୁଛି । ତେବେ ଏ ପର୍ଯ୍ୟନ୍ତ ଯେତେ ବି ଭାରିଆଣ୍ଟ୍ ମିଳିଛି ସେଗୁଡ଼ିକରେ ସେତେ ପରିବର୍ତ୍ତନ ହୋଇ ନଥିଲା ଯେତିକି ଏହି ନୂଆ ଭାରିଆଣ୍ଟ୍‌ରେ ହୋଇଛି । ବର୍ତ୍ତମାନ ଶୀତ ଦିନେ କରୋନାର ସବୁ ଭାରିଆଣ୍ଟ୍ ଆମ ଦେଶରେ ପୁଣି ଥରେ ବ୍ୟାପିବା ଆରମ୍ଭ କଲେଣି । ଆମ ଦେଶରେ କେତେ ମାସ ପରେ ପୁଣି ଥରେ ନୂଆ ସବ୍-ଭାରିଆଣ୍ଟ୍ ଆସିଥିବାରୁ ଏହା କ'ଣ ଏକ ବଡ ବିପଦ ହୋଇପାରେ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଏହି ସ୍ଥିତିକୁ ଦେଖିବା ପରେ କେନ୍ଦ୍ର ପ୍ରଥମେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଉପରେ ଲଗାତର ନଜର ରଖିବା ପାଇଁ ଆଦେଶ ଦେଇଛି । ଏହି ମାମଲାକୁ ନେଇ ଆଜି ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଅତିରିକ୍ତ ମୁଖ୍ୟ ପ୍ରମୁଖ ସଚିବମାନଙ୍କ ସହିତ ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି କାରଣରୁ ମାମଲାଗୁଡ଼ିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ଆଗାମୀ ଦିନରେ ପର୍ବପର୍ବାଣିର ଋତୁକୁ ଧ୍ୟାନରେ ରଖି ରାଜ୍ୟଗୁଡ଼ିକରେ ରୋଗର ପ୍ରସାରକୁ ନେଇ ଦେଖାଦେଉଥିବା ବିପଦକୁ କମ୍ କରିବା ପାଇଁ ଅପେକ୍ଷିତ ସାର୍ବଜନିକ ସ୍ୱାସ୍ଥ୍ୟ ଉପାୟ ଓ ଅନ୍ୟ ବ୍ୟବସ୍ଥା ସବୁ କରିବା ଉଚିତ । ମହାମାରୀ ବିଶେଷଜ୍ଞଙ୍କ ଅନୁସାରେ କରୋନାର ଏହି ନୂଆ ସବ୍-ଭାରିଆଣ୍ଟ୍ କୌଣସି ନୂଆ ଭାରିଆଣ୍ଟ୍ ନୁହେଁ । ଏହା ଆମ ଦେଶରେ ତୃତୀୟ ଲହରରେ ଆସିଥୁବା ଓ ମିକ୍ରନ୍ ପରିବାରର ନୂଆ ଟ୍ରେନ୍ । ଓ ମିକ୍ରନ୍ ଭାରିଆଣ୍ଟ୍ ଯୋଗୁ ସଂକ୍ରମଣ ବୃଦ୍ଧି ପାଇଥିଲେ ମଧ ସେଥିରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇ ନଥିଲା । ଏହା ବ୍ୟତୀତ ଏଥରେ ସଂକ୍ରମିତ ହେବା ଓ ଟିକାକରଣ ପରେ ଲୋକମାନଙ୍କ ମଧରେ ହାଇବ୍ରିଡ୍ ଇମ୍ୟୁନିଟି ତିଆରି ହୋଇଥିଲା। କୋଭିଡ୍ ପରେ ଆମ ଦେଶରେ ଲଗାତର ସର୍ଭିଲାନ୍ସ କରାଯାଉଛି । ଏପରି ସମୟରେ ଯେବେ ବି କୌଣସି ନୂଆ ଭାଇରସ୍ ଆସୁଛି ପ୍ରଥମେ ସେ ସମ୍ପର୍କରେ ତୁରନ୍ତ ଜଣାପଡୁଛି, ଦ୍ୱିତୀୟରେ ସର୍ଭିଲାନ୍ସ ପାଇଁ ପ୍ରତି ଭାଇରସ୍ ଚିହ୍ନଟ କରାଯାଉଛି ଯେପରି ତା' ସମ୍ପର୍କରେ ଗଭୀରତାର ସହିତ ସନ୍ଧାନ ନେଇହେବ। ତେବେ ଏହି ନୂଆ ଭାରିଆଣ୍ଟ୍ ସମ୍ପର୍କରେ କହିବାକୁ ଗଲେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ଏହା ସେତେ ବିପଦଜନକ ନୁହେଁ । କିନ୍ତୁ ବର୍ତ୍ତମାନ ପାଇଁ କୋଭିଡ୍ ପ୍ରୋଟୋକଲ୍ ପାଳନ କରିବା ପାଇଁ ବିଶେଷଜ୍ଞମାନେ ଲୋକମାନଙ୍କୁ ପରାମର୍ଶ ଦେଉଛନ୍ତି । ଏହି ଭାରିଆଣ୍ଟ୍ ଉପରେ ଅଧିକ ରିସର୍ଚ୍ଚର ଆବଶ୍ୟକତା ରହିଛି। ଏହାର ସଂକ୍ରମଣତା ସମ୍ପର୍କରେ ଚିନ୍ତିତ ହେବା ସହିତ ଜେଏନ୍. ୧କୁ ନେଇ ସତର୍କ ଓ ସାବଧାନ ରହିବା ଆବଶ୍ୟକ । ବିଶେଷଜ୍ଞଙ୍କ ଅନୁସାରେ ଟିକାକରଣ ହୋଇଥିବା କାରଣରୁ ଆମ ଶରୀର ଭାଇରସ୍‌ର ବିଭିନ୍ନ ଷ୍ଟେନ୍ସ ସହିତ ଲଢ଼ିବାରେ ସକ୍ଷମ । ଏହା ସତ୍ତ୍ୱେ ବି ନୂଆ ଭାଇରସ୍ ଲକ୍ଷଣ ଓ ଅନ୍ୟ ତଥ୍ୟଗୁଡ଼ିକୁ ବୁଝିବାର ଆବଶ୍ୟକତା ରହିଛି। ଏହା ଅନ୍ୟ ଭାଇରସ୍ ଗୁଡ଼ିକ ତୁଳନାରେ କମ୍ ଘାତକ ହୋଇପାରେ କିନ୍ତୁ ସାମାଜିକ ଦୂରତା ଓ ମାସ୍କ ଲଗାଇ ଆମେ ଏହାର ସଂକ୍ରମଣକୁ ରୋକିବାରେ ସଫଳ ହୋଇପାରି ବା। ସାଧୁ ସାବଧାନ, ନେଡି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ଉଭୟ ସରକାର ଓ ଜନତା ଯଦି ସଚେତନ ହେଇ କାର୍ଯ୍ୟ କରିବେ, ତେବେ ନିଶ୍ଚିତ ଏହାର ଦ୍ରୁତ ପ୍ରସାରଣକୁ ରୋକା ଯାଇପାରିବ । କାହିଁକି ନା ଆମ ପାଖରେ ରହିଛି କରୋନାର ପ୍ରସାରଣକୁ ରୋକିବାର ଯଥେଷ୍ଟ ଅଭିଜ୍ଞତା ।

# ଦାରିଦ୍ର୍ୟ ସୀମାରେଖା ତଳେ ଏବେବି ୨୩ କୋଟି



### ଗୋପାଳ ମହାପାତ୍ର

ଜାପାନ ୪୨୩୧ ଅରବ ଆମେରିକୀୟ ଡଲାରର ୪ର୍ଥ ଅର୍ଥ ବ୍ୟବସ୍ଥା ବୋଲି କୁହାଯାଇଛି । ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଅଟେ । ଭାରତ ୩୭୩୦ ଅରବ ଆମେରିକୀୟ ଡଲାରର ଅର୍ଥ ବ୍ୟବସ୍ଥା ବୋଲି ରିପୋର୍ଟ ଉଲ୍ଲେଖ କରିଛି । ରିପୋର୍ଟରୁ ସ୍ପଷ୍ଟ ଯେ ଭାରତର ଆର୍ଥିକ ବିକାଶ ଘଟିଛି । କିନ୍ତୁ ଅନ୍ୟ ପକ୍ଷରେ ବ୍ୟାଙ୍କମାନଙ୍କର ଅନାଦେୟ ଋଣ, ଦାରିଦ୍ର୍ୟ ତଥା ଅସମାନତା ପ୍ରସଙ୍ଗ ଚିନ୍ତାର ବିଷୟ ନିଶ୍ଚୟ। ଏବେବି ଭାରତରେ ୨୩ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ।

ଜାତୀୟ ଗଣମାଧ୍ୟମରେ ଏବେ କିଛିଦିନ ତଳେ ୩ଟି ବିରୋଧାଭାଷି ଖବର ପ୍ରକାଶ ପାଇଥିଲା । ପ୍ରଥମ ଖବରଟି ହେଉଛି ୨୬୨୩ ଜଣ ବିଭିନ୍ନ ବ୍ୟାଙ୍କରୁ ୧ଲକ୍ଷ ୯୬ ହଜାର କୋଟି ଟଙ୍କା ଋଣ ନେଇ ଆଉ ପରିଶୋଧ କରୁ ନାହାନ୍ତି । ଦ୍ୱିତୀୟଟି ହେଉଛି ଦିଲ୍ଲୀ ସ୍ଥିତ ଥିଙ୍କଟ୍ୟାଙ୍କ ସେଣ୍ଟର ଫର ସିଭିଲ ସୋସାଇଟି ଦ୍ୱାରା କାନାଡାର ଫ୍ରେଜର ଇନିଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ 'ବିଶ୍ୱର ଆର୍ଥିକ ସ୍ୱତନ୍ତ୍ରତା-୨୦୨୧' ବାର୍ଷିକ ରିପୋର୍ଟ ଜାରି କରାଯାଇଛି । ଏହି ରିପୋର୍ଟରେ ଆର୍ଥିକ ସ୍ୱତନ୍ତ୍ରତା ସୂଚକାଙ୍କରେ ଭାରତ ୮୭ ତମ ସ୍ଥାନରେ ରହିଛି । କାନାଡାର ଫ୍ରେଜର ଇନିଷ୍ଟିଚ୍ୟୁଟ ୧୬୫ଟି ଦେଶ ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିଛି । ଗତ ବର୍ଷ ଏହି ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ୮୬ତମ ସ୍ଥାନରେ ଥିଲା । ତୃତୀୟ ଖବରଟି ହେଉଛି ୨୦୨୩ର ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ବାବଦରେ । ଏହି ରିପୋର୍ଟ ଭାରତକୁ ଗମ୍ଭୀର କ୍ଷୁଧା ମୃତ୍ୟୁ(ଖାଦ୍ୟାଭାବ ଜନିତ ମୃତ୍ୟୁ) ର ତାଲିକାରେ ସ୍ଥାନିତ କରିଛି । ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରେ ପାକିସ୍ଥାନ ୧୦୨ତମ ସ୍ଥାନରେ ଥିବାବେଳେ ବଙ୍ଗଳାଦେଶ ୮୧ତମ ସ୍ଥାନରେ ରହିଛି ଓ ନେପାଳ ୬୯ତମ ସ୍ଥାନରେ ରହିଛି । ଶ୍ରୀଲଙ୍କା ଭଳି ଦେଶକୁ ରିପୋର୍ଟରେ ୬୦ ତମ ସ୍ଥାନରେ ସ୍ଥାନିତ କରାଯାଇଛି । ରିପୋର୍ଟ ଅନୁସାରେ ବିଶ୍ୱରେ ୩ଜଣ ଅତି ଗରିବଙ୍କ ମଧ୍ୟରୁ ଜଣେ ଭାରତୀୟ । ବୈଶ୍ୱିକ (ବିଶ୍ୱସ୍ତରରେ) ଆର୍ଥିକ ପ୍ରଗତିର ହିସାବକୁ ବିଶ୍ଳେଷଣ କଲେ ସ୍ପଷ୍ଟ ଯେ ଏବେ ଆମେରିକା ୨୬୯୫୪ ଅରବ ଆମେରିକୀୟ ଡଲାରର ଜିଡିପି ସହିତ ବିଶ୍ୱର ସର୍ବବୃହତ ଅର୍ଥ ବ୍ୟବସ୍ଥା ଅଟେ । ଦ୍ୱିତୀୟରେ ରହିଛି ଚୀନ । ଚୀନ ୧୭୭୮୬ ଅରବ ଆମେରିକୀୟ ଡଲାର ସହ ବିଶ୍ୱର ଦ୍ୱିତୀୟ ଅର୍ଥ ବ୍ୟବସ୍ଥା । ତୃତୀୟରେ ରହିଛି ଜର୍ମାନୀ । ଜର୍ମାନୀ ୪୪୩୦ ଅରବ ଡଲାର ସହ ବିଶ୍ୱର ତୃତୀୟ ଅର୍ଥ ବ୍ୟବସ୍ଥା ବୋଲି ରିପୋର୍ଟ ଉଲ୍ଲେଖ କରିଛି । ଜାପାନ ୪୨୩୧ ଅରବ ଆମେରିକୀୟ ଡଲାରର ୪ର୍ଥ ଅର୍ଥ ବ୍ୟବସ୍ଥା ବୋଲି କୁହାଯାଇଛି । ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଅଟେ। ଭାରତ ୩୭୩୦ ଅରବ ଆମେରିକୀୟ ଡଲାରର ଅର୍ଥ ବ୍ୟବସ୍ଥା ବୋଲି ରିପୋର୍ଟ ଉଲ୍ଲେଖ କରିଛି । ରିପୋର୍ଟରୁ ସ୍ପଷ୍ଟ ଯେ ଭାରତର ଆର୍ଥିକ ବିକାଶ ଘଟିଛି । କିନ୍ତୁ ଅନ୍ୟ ପକ୍ଷରେ ବ୍ୟାଙ୍କମାନଙ୍କର ଅନାଦେୟ ଋଣ, ଦାରିଦ୍ର୍ୟ ତଥା ଅସମାନତା ପ୍ରସଙ୍ଗ ଚିନ୍ତାର ବିଷୟ ନିଶ୍ଚୟ। ଏବେବି ଭାରତରେ ୨୩ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ।

ଏସବୁ ପ୍ରସଙ୍ଗକୁ ତର୍ଜମା କଲେ ସ୍ୱତଃ ପ୍ରଶ୍ନ ଉଠେ ଯେ ଯଦି ଆମେ(ଭାରତ) ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଓ ୩ୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାର ଉଦ୍ୟମ କରୁଛେ ତେବେ ୨୦୨୮ ମସିହା ପର୍ଯ୍ୟନ୍ତ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଦେବାକୁ ସରକାର ଘୋଷଣା କଲେ କାହିଁକି ? କେବଳ ସେତିକି ନୁହେଁ ଅନେକ ମାଗଣା ଯୋଜନା ମଧ ସରକାର କାର୍ଯ୍ୟକାରୀ କରୁଛନ୍ତି କାହିଁକି ? କ'ଣ ଅଧିକାଂଶ ଭାରତୀୟ ସବୁବେଳେ ସରକାରୀ ପ୍ରଶୟରେ ଚାଲୁଥିବା ଯୋଜନାରେ ଗୁଜୁରାଣ ମେଣ୍ଟାଇବେ ? ଯେତେବେଳେ ବିଶ୍ୱସ୍ତରର ଅର୍ଥବ୍ୟବସ୍ଥାର ଚିତ୍ର ଭାରତ ପାଇଁ ଶୁଭ ସଙ୍କେତ ଦେଉଛି ସେତେବେଳେ ଋଣ ପରିଶୋଧ ନକରିବା କାରଣରୁ ବ୍ୟାଙ୍କମାନଙ୍କର ସ୍ଥିତି ଖରାପ ହେଉଛି ଯାହା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟୁଛି । ଏହା ଶୁଭଂକର ଯେ ଭାରତର ଅର୍ଥବ୍ୟବସ୍ଥାରେ ପାରମ୍ପରିକ ଗ୍ରାମାଞ୍ଚଳର ଚାଷ, କୃଷି ଉତ୍ପାଦନ ବୃଦ୍ଧି, ହସ୍ତଶିଳ୍ପ ଏବଂ ଆଧୁନିକ ଉଦ୍ୟୋଗର ଯୋଗଦାନ ରହିଛି । ବିଦେଶରେ ଭାରତର ଅନେକ ଶିକ୍ଷିତ ଯୁବକ ସୂଚନା, ପ୍ରାଦ୍ୟୋଗୀକି, ବ୍ୟବସାୟ ଏବଂ ସଫ୍ଟଓୟାର କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏମାନେ ବିଦେଶରେ ଭାରତର ଗୌରବକୁ ରକ୍ଷା କରୁଛନ୍ତି । ଦେଶରେ ଆଇନ କାନୁନ ରହିଛି । କିନ୍ତୁ ଏହା ସତ୍ତ୍ୱେ ୨୬୨୩ଜଣ ବିଭିନ୍ନ ବ୍ୟାଙ୍କରୁ ୧ ଲକ୍ଷ ୯୬ ହଜାର କୋଟି ଟଙ୍କାର ଋଣ ପରିଶୋଧ କରୁନଥିଲେ ମଧ ସେମାନଙ୍କ ବିରୁଦ୍ଧରେ ଠୋସ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ । ଏହି ୨୬୨୩ଜଣ ଯେଉଁ ୧ ଲକ୍ଷ ୯୬ ହଜାର କୋଟି ଟଙ୍କା ଋଣ ନେଇଛନ୍ତି ସେହି ଅର୍ଥ କ'ଣ ଏ ଦେଶର ସାଧାରଣ ଲୋକଙ୍କର ବ୍ୟାଙ୍କମାନଙ୍କରେ ସଞ୍ଚିତ ଜମାରାଶି ନୁହେଁ କି ? ମୋଟା ଅଙ୍କର ଋଣ ନେଇ ଅନେକ ଠକ ମଧ ବିଦେଶ ଚାଲି ଯାଇଛନ୍ତି । ସରକାର ଅନେକ ସମୟରେ କୋଟିକୋଟି ଟଙ୍କା ଋଣ ନେଇ ପରିଶୋଧ କରୁନଥିବା ବ୍ୟକ୍ତିଙ୍କ ଋଣ ଛାଡ କରିଦେଉଛନ୍ତି କିନ୍ତୁ ସାଧାରଣ ଋଣ ଗ୍ରହିତାଙ୍କୁ ଋଣ ପରିଶୋଧ କରିବା ପାଇଁ ତାଗିଦ୍ ପରେ ତାଗିଦ୍ ଏପରିକି ବାଧ କରାଯାଉଛି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ପାଖାପାଖି ୧୦ ଲକ୍ଷ ୬୦ ହଜାର କୋଟି ଟଙ୍କାର ଅନାଦେୟ ଋଣ ରାଇଟ ଅଫ କରାଯାଇଛି ।

ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪

# ମାନବ ସମାଜର ମାର୍ଗଦର୍ଶକ : ଶ୍ରୀମଦ୍ ଭଗବତ



### ନେତାଜୀ ତାପସ କୁମାର ସାହୁ

ଅର୍ଜ୍ଜୁନ ମହାଭାରତ ଯୁଦ୍ଧ କ୍ଷେତ୍ରରେ ସବୁକିଛି ବିପରୀତ ଦେଖୁଥିଲେ ଏବଂ ନିଜର ଆତ୍ମୀୟ ସ୍ୱଜନମାନଙ୍କୁ ବିନାଶ କରି କଣ ଲାଭ ହେବ ବୋଲି ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି । ଏହି ଶ୍ଲୋକର ବର୍ତ୍ତମାନ ସମୟରେ ବହୁତ ଗୁରୁତ୍ୱ ରହିଛି । ରାଜଧର୍ମ ପାଳନ ହେଉ ଅବା କର୍ମ କ୍ଷେତ୍ର, ଅନେକ ସମୟରେ ଆମ ଆଗରେ ନିଜର ଲୋକ ଭୁଲ କରିଥିଲେ କିମ୍ୱା କୌଣସି ଅପରାଧରେ ଜଡିତ ଥିଲେ ସେଠାରେ ପ୍ରିୟା ପ୍ରୀତି ତୋଷଣ ପୂର୍ବକ ଦୋଷ ମୁକ୍ତ କରାଯାଉଥିବା ବେଳେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ପାଉଛି ।

ପୃଥିବୀରେ ଏମିତି କିଛି ସମସ୍ୟା ନାହିଁ ଯାହାର ସମାଧାନ ନାହିଁ ଏବଂ ପ୍ରତିଟି ସମସ୍ୟାର ଉତ୍ତର ରହିଛି ଶ୍ରୀମଦ୍ ଭଗବତ ଗୀତାର ପ୍ରତିଟି ଶ୍ଳୋକରେ । କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧରେ ନିଜର ପ୍ରିୟ ପରିଜନମାନଙ୍କୁ ଦେଖି ଅସ୍ତ୍ର ତ୍ୟାଗ କରିଦେଇଥିବା ଅର୍ଜ୍ଜୁନଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ନିଜର ଦିବ୍ୟ ବାଣୀ ଦ୍ୱାରା ଜୀବନର ବାସ୍ତବତା ବୁଝାଇଥିଲେ, ଯାହାପରେ ବୀର ଅର୍ଜ୍ଜୁନ ପୁନଃ ନିଜର କ୍ଷତ୍ରିୟ ଧର୍ମ ପାଳନ ପୂର୍ବକ ନିଜର ବୀରତ୍ୱର ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ । ସେଦିନ ସେହି ସମସ୍ତ ଅମୃତ ତୁଲ୍ୟ ଦୈବୀ ବାଣୀ ରୂପକ ମହୌଷଧି ହିଁ ଆଜିର ସମୟରେ ପ୍ରତିଟି ମନୁଷ୍ୟ ପାଇଁ ନିତାନ୍ତ ଆବଶ୍ୟକ । 'ଆକର୍ଷୟତି ଇତି କୃଷ୍ଣ', ଅର୍ଥାତ ଯିଏ ଆକର୍ଷଣ କରନ୍ତି ସେ ହିଁ କୃଷ୍ଣ ଏବଂ ଯିଏ ଅର୍ଜନ କରନ୍ତି ସେହିଁ ଅର୍ଜ୍ଜୁନ କ୍ଷ ତେଣୁ ଜ୍ଞାନ ପିପାସୁ ଅର୍ଜ୍ଜୁନଙ୍କ ମନରେ ଯେତେବେଳେ ବିଷାଦ ଭାବ ଆସିଥିଲା ସଖା ଶ୍ରୀକୃଷ୍ଣ ସେଠାରେ ବନ୍ଧୁତାର ଦାୟିତ୍ୱ ନିଭାଇଥିଲେ। ସେଦିନ ଅର୍ଜ୍ଜୁନଙ୍କ ଦ୍ୱାରା ପଚରା ଯାଇଥିବା ପ୍ରତିଟି ପ୍ରଶ୍ନ ଆଜି ବି ଲାଗେ ଅନେକ ମନୁଷ୍ୟଙ୍କ ମନରେ ଉଙ୍କି ମାରେ। କିନ୍ତୁ ବର୍ତ୍ତମାନ ସମୟରେ ଶ୍ରୀକୃଷ୍ଣଙ୍କ ପରି ଜଗତଗୁରୁ ନାହାନ୍ତି ମାତ୍ର ତାଙ୍କ ବିନା ସ୍ୱାକ୍ଷରରେ ବି ଆଜି ଗୀତାର ପ୍ରଦର୍ଶିତ ମାର୍ଗକୁ ଆମେ ସମସ୍ତେ ଅନୁସରଣ କରୁଛୁ ।

ସନାତନ ଧର୍ମରେ ଥିବା ପାଞ୍ଚଟି 'ଗ' ମଧରେ ଗୀତା ହେଉଛି ଅନ୍ୟତମ ପ୍ରମୁଖ ସ୍ଥାନ ଅଧିକାର କରିଛି ।

ସାମ୍ପ୍ରତିକ ସମୟରେ ଆମେ ଯଦି ଗୀତାର କିଛି ପ୍ରମୁଖ ଶ୍ଲୋକ ଉପରେ ଅବଲୋକନ କରିବା ତେବେ ଆମ ଜୀବନକୁ ସୁନ୍ଦର ଭାବେ ଗଢି ତୋଳିବାରେ ସକ୍ଷମ ହେବା ।

ବର୍ତ୍ତମାନ ଅସନ୍ତୁଳିତ ଜୀବନଚର୍ଯ୍ୟା ଆଜି ପ୍ରତିଟି ମନୁଷ୍ୟ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ମାତ୍ର ଗୀତାର ଷଷ୍ଠ ଅଧ୍ୟାୟରେ ଜୀବନଚର୍ଯ୍ୟା କିପରି ହେବା କଥା ତାହା ଉଲ୍ଲେଖ ରହିଛି - 'ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ

ଯୁକ୍ତ ସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା'

ଅର୍ଥାତ୍ ଯଥୋଚିତ ଭାବେ ଆହାର ବିହାର କରିବା, ନିଜର କର୍ମରେ ସର୍ବୋତ୍କୃଷ୍ଟ ଉଦ୍ୟମ କରିବା ଏବଂ ସଠିକ ଭାବେ ଶୟନ ଜାଗରଣ କରୁଥିବା ବ୍ୟକ୍ତି ହିଁ ସିଦ୍ଧି ଲାଭ କରିଥାଏ ।

ସେହିପରି ପ୍ରଥମ ଅଧ୍ୟାୟର ୩୧ ତମ ଶ୍ଲୋକରେ ଅର୍ଜ୍ଜୁନ ପଚାରିଛନ୍ତି -

'ନିମିତ୍ତା ନି ଚ ପଶ୍ୟାମି, ବିପରୀତାନି କେଶବ

ନ ଚ ଶ୍ରେୟୋନୁପଶ୍ୟାମି, ହତ୍ୱା ସ୍ୱଜନ ମାହବେ ।'

ଅର୍ଥାତ ଅର୍ଜ୍ଜୁନ ମହାଭାରତ ଯୁଦ୍ଧ କ୍ଷେତ୍ରରେ ସବୁକିଛି ବିପରୀତ ଦେଖୁଥିଲେ ଏବଂ ନିଜର ଆତ୍ମୀୟ ସ୍ୱଜନମାନଙ୍କୁ ବିନାଶ କରି କଣ ଲାଭ ହେବ ବୋଲି ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି । ଏହି ଶ୍ଲୋକର ବର୍ତ୍ତମାନ ସମୟରେ ବହୁତ ଗୁରୁତ୍ୱ ରହିଛି । ରାଜଧର୍ମ ପାଳନ ହେଉ ଅବା କର୍ମ କ୍ଷେତ୍ର, ଅନେକ ସମୟରେ ଆମ ଆଗରେ ନିଜର ଲୋକ ଭୁଲ କରିଥିଲେ କିମ୍ୱା କୌଣସି ଅପରାଧରେ ଜଡିତ ଥିଲେ ସେଠାରେ ପ୍ରିୟା ପ୍ରୀତି ତୋଷଣ ପୂର୍ବକ ଦୋଷ ମୁକ୍ତ କରାଯାଉଥିବା ବେଳେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ପାଉଛି । ସେହିପରି ପ୍ରତିଭା ପ୍ରତାରକ ସାଜି ନିଜର ସମ୍ପର୍କୀୟ ମାନଙ୍କ ପାଇଁ ଅନେକ କ୍ଷେତ୍ରରେ ପୁରସ୍କୃତ କରାଯାଉଛି, ଯାହାକି ନିଜର ଧର୍ମ ନୁହ । ତେଣୁ ଏପରି ବିପରୀତ ପରିସ୍ଥିତିରେ ବିଚଳିତ ନ ହୋଇ ହୋଇ ଶାନ୍ତ ଚିତ୍ତରେ ନିଜର ଧର୍ମ ଓ ନିୟମ ପାଳନ କରିବା ଉଚିତ୍ । ତେଣୁ ଦ୍ୱିତୀୟ ଅଧ୍ୟାୟରେ ପ୍ରଭୁ କହିଲେ - 'ସ୍ୱଧର୍ମମପିଚାବେକ୍ଷ୍ୟ, ନ ବିକମ୍ପିତୁ ମର୍ହସି'

ଅନେକ ସମୟରେ ଆମ ଭିତରେ ଆତ୍ମ ବିଶ୍ୱାସର ଘୋର ଅଭାବ ଦେଖିବାକୁ ମିଳୁଛି, ଯାହା ଫଳରେ କରିଥିବା କର୍ମର ଫଳ କଣ ହେବ ସେଥିପାଇଁ ଅଧିକ ଚିନ୍ତାଗ୍ରସ୍ତ ହେଉଛୁ କ୍ଷ କାରଣ ସେଥିପାଇଁ ଯଦି ଆମର ଶ୍ରଦ୍ଧା ଥାଆନ୍ତା, ତେବେ ଏପରି ଦ୍ୱନ୍ଦ ସୃଷ୍ଟି ହୁଅନ୍ତା ନାହିଁ ।

ଚତୁର୍ଥ ଅଧ୍ୟାୟର ୩୯ତମ ଶ୍ଲୋକରେ ଲେଖା ଅଛି -

'ଶ୍ରଦ୍ଧାବାନ ଲଭତେ ଜ୍ଞାନଂ, ତତ୍ ପରଃ ସଂଯତେନ୍ଦ୍ରିୟଃ

ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତି, ମଚିରେଣାଧି ଗଛତି ।'

ଅର୍ଥାତ ଇନ୍ଦ୍ରିୟ ସଂଯମ ପୂର୍ବକ ଜ୍ଞାନ ଆହରଣରେ ଶ୍ରଦ୍ଧା ରଖି ନିଷ୍କାମ ଭାବେ କାମ କରିଲେ ବ୍ୟକ୍ତି ଶାନ୍ତି ପାଇଥାଏ । ତେଣୁ କୌଣସି କାର୍ଯ୍ୟ କରିବା ସମୟରେ ଉକ୍ତ କାର୍ଯ୍ୟର ସଫଳ ରୂପାୟନ କିପରି ହୋଇପାରିବ ସେଥିପାଇଁ ଶ୍ରଦ୍ଧା ରହିବା ଉଚିତ୍ । ବିଶ୍ୱର ପ୍ରତିଟି ସଫଳ ବ୍ୟକ୍ତିର ଜୀବନରେ ସେ ଉକ୍ତ କାର୍ଯ୍ୟ ପାଇଁ ଥିବା ଶ୍ରଦ୍ଧା ଏବଂ କର୍ତ୍ତବ୍ୟ ନିଷ୍ଠା ପାଇଁ ହିଁ ଆଜି ପ୍ରାତଃ ସ୍ମରଣୀୟ ହୋଇ ପାରିଛନ୍ତି ।

ଶ୍ରୀକୃଷ୍ଣ ପୁନଃ ଦ୍ୱିତୀୟ ଅଧ୍ୟାୟର ୪୭ତମ ଶ୍ଲୋକରେ କହିଲେ -

'କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ ।' ଅର୍ଥାତ କର୍ମରେ ଅଧିକାରୀ ହୁଅ, ଫଳରେ ଆଶା ରଖ ନାହିଁ।

ନିଜର କର୍ମ ହିଁ ଆମକୁ ନିଜର ମିତ୍ର ଓ ଶତ୍ରୁ କରିଥାଏ ଯାହାକି ଷଷ୍ଠ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ଲେଖା ହୋଇଛି -

'ଉଦ୍ଧରେ ଦାତ୍ମନାତ୍ମାନଂ ନାତ୍ମାନମବସା ଦୟେତ୍

ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ

ଶ୍ରୀମଦ୍ ଭଗବତ ଗୀତାର ଅଷ୍ଟାଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଲେ -

'ସର୍ବ ଧର୍ମାନ୍ ପରିତଜ୍ୟ ମାମେକମ୍ ଶରଣଂ ବ୍ରଜ

ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ'

ଯାହାର ଅର୍ଥ ହେଉଛି ସବୁକିଛି ଧର୍ମ ତ୍ୟାଗ ପୂର୍ବକ ପ୍ରଭୁଙ୍କ ଠାରେ ଶରଣାପନ୍ନ ହେଲେ, ସେ ଆମକୁ ଉଦ୍ଧାର କରି ମୋକ୍ଷ ପ୍ରଦାନ କରିବେ । କହିବାକୁ ଗଲେ ପ୍ରତିଟି କାର୍ଯ୍ୟର ଫଳ କଣ ହେବ ସେଥିପାଇଁ ଭାବି ଭାବି ସମୟ ନଷ୍ଟ ନ କରି ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଏବଂ ପରେ ଏହାକୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ଉଚିତ । କାର୍ଯ୍ୟ ପ୍ରତି ଥିବା ନିଷ୍ଠା ଓ ଶ୍ରଦ୍ଧାର ସିଦ୍ଧି କେବଳ ଈଶ୍ୱର ହିଁ ପ୍ରଦାନ କରିବେ, ଆମେ ନୁହ ।

ତେଣୁ ଗୀତାର ପ୍ରତିଟି ଶ୍ଲୋକ ହିଁ ବାସ୍ତବରେ ମହୌଷଧି ଏବଂ ଗୀତା ହେଉଛି ଅମୃତ ଠୁ ବି ଅଧିକ, ଯାହାର ଦୈନିକ ପାଠ ଦ୍ୱାରା ମନୁଷ୍ୟ ଜୀବନରେ ସଞ୍ଜିବନୀର ସଞ୍ଚରଣ ହୋଇଥାଏ । ତେଣୁ ଓଡ଼ିଆରେ କୁହାଯାଏ -

'ରୁଚ ନ ରୁଚ ଖାଆ ପିତା
ବୁଝ ନ ବୁଝ ପଢ଼ ଗୀତା'

ପୂର୍ବତନ ଅଧ୍ୟାପକ, ଡଃ ଯଦୁନାଥ
ଡିଗ୍ରୀ କଲେଜ, ବାଲେଶ୍ୱର
ମୋ: ୮୨୬୦୩୫୬୧୧୩

## କବିତା କୋଣାର୍କ

### ଏକ ନିଷ୍ପାପ ଜୀବନର ପ୍ରଥମ ଯାତ୍ରା

**ଡ. ଦୀପକ କୁମାର ମିଶ୍ର**

ଅନ୍ଧାରରୁ ବି ଆବିଷ୍କୃତ ହୁଏ
ଏଠି ନିଚ୍ଛକ ଜୀବନ
ମଶା ମାଛି, ସରୀସୃପଙ୍କର
ସୌହାର୍ଦ୍ଦରେ ବି ବଞ୍ଚିରହେ କୁଆଁକୁଆଁ
ସ୍ୱର ।

ମାନିନେବା, ଏହା ଶୀତ ରାତିର
ଅବିଶ୍ୱାସୀ ନିଶ୍ୱାସର ଏକ ନିଷ୍ପାପ
ଲୋରି ଗୀତ
ଅବା ସମ୍ଭ୍ରାନ୍ତ କଳଙ୍କିତ ମଣିଷ
ସମ୍ପର୍କର
ଅଳନ୍ଧୁ ଭିତରେ
ମଣିଷପଣିଆକୁ ପୁନଃ ଜାଗ୍ରତ
କରିବାର
ଭିନ୍ନ ଏକ ନୂତନ ପ୍ରୟାସ ।

ଅପନିନ୍ଦା ଭୟରେ,
ଅବା ପରିଚୟ ଲୁଚେଇବାର
ଅପଚେଷ୍ଟାରେ
ଅବଶ୍ୟ ଭୁଲିଯାଏ ମଣିଷ ନିଜର
କର୍ତ୍ତବ୍ୟ,
ଦଶମାସ ଦଶଦିନ କଉ କମ ସମୟ !
ଭ୍ରୁଣରୁ ମାଂସ,
ମାଂସରୁ ମଣିଷ କରିବା ପରେ
କେମିତି ନୃଶଂସ ସାଜେ ଏହି ମଣିଷର
ମନ ।

ଏହା ଅନ୍ଧାରରୁ ଅନ୍ଧାରକୁ

ଆଲୁଅର ପ୍ରଥମ ଯାତ୍ରା
ଯହିଁ ଗର୍ଭରୁ ଗର୍ତ୍ତ ପର୍ଯ୍ୟନ୍ତ
ମପାହୁଏ ମଣିଷପଣିଆର ମାତ୍ରା ।

ଚାଲ, ନିଶ୍ୱାସ ପୂର୍ବରୁ ବିଶ୍ୱାସଟିଏ
ତିଆରି କରିବା
ଜୀବନକୁ ଫିଙ୍ଗିବା ପୂର୍ବରୁ
ଜୀବନକୁ ଅନ୍ତତଃ ଅଳ୍ପ ବୁଝିଯିବା ।

ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦

### ଚାରୁଲତା

**ଶୁଭେନ୍ଦୁ ମେହେର**

ନିଦ୍ରିତ ସ୍ୱପ୍ନର ଆରପାରିରେ
ସିନ୍ଦୂରା ଫାଟିଲା
ରକ୍ତିମ ଆଭାର ଆଲୋକରେ
ଆଲୋକିତ ହେଲା
ମୋ ଶୂନ୍ୟ ଦେବତାର ପର୍ଣ୍ଣ କୁଟୀର ।

ଶ୍ୟାମଳ ପତ୍ରରାଜି ଆଉ
ଗହଳ ବନର ଛାଇ !
ସୁନ୍‌ସାନ୍ ଇଲାକା,
ଶୀତଳ ସମୀରଣରେ
କୋଇଲିର ବିଭୋର ପଣରେ
ଝକ୍‌ମକ୍ ଦିଶୁଛି ଚାରୂଲତା ।

ଚାରୂଲତା.... ଅଳସୀ ନଇଟିଏ...!
ନା କୋମଳ କଇଁ ଟିଏ....!
ସନ୍ଦିହାନ ହେଲି !!

ସନ୍ଦେହ ଓ ଅବିଶ୍ୱାସକୁ
ବେଖାତିର କରି,
ଚିମୁଟାଏ ପରିଚୟ ଭିତରେ
ଖୋଜି ବୁଲିଲି
ସେ ଅଚିହ୍ନା ସମ୍ପର୍କର ପରିଚୟ।

ଅନେକ ଭାବିଲି....ବେସ୍
ଖୋଜିଲି........!
ସନ୍ଦେହ ଭିତରର ସୁନ୍ଦରତା
ଆଉ ,
ଅବିଶ୍ୱାସ ରୁ ଆନ୍ତରିକତାର
ପରିସୀମାକୁ କସିଲି
ହୃଦୟର କସଟି ପଥରରେ ।

ପାଗଳ ପଣର ମୁହୂର୍ତ୍ତ ମାନଙ୍କ ସହ
ସାଲିସ କରୁ କରୁ
ପାଇନି ଉତ୍ତର
ଝୁଣ୍ଟିଛି ଅନେକ ଥର ।
ତଥାପି....!
କେବେ ଖୋଜିନି ବାଟ ଫେରିବାର ।

ତା ହୃଦୟକୁ ଛୁଇଁନି ମୋ
ଛିନ୍ନ ବୀଣାର ସ୍ୱର,
ମୁଁ କିନ୍ତୁ,
ଅଜାଣତରେ ଶୁଣିଛି
ତା ହୃଦୟର ଅମୃତ ଝଙ୍କାର
ଆଉ ତୋଳିଛି
ସମୁଦ୍ର ବାଲିରେ ପ୍ରେମର ନଅର ।

ଚାରୂଲତା..!
ଲାଜେଇ ଯାଏ,ଲାଜକୁଳୀ ଲହ ପରି,
ଫୁଲେଇ ହୁଏ
ଫୁଲେଇ ଫଗୁଣ ପରି ।
ରୁଷିଯାଏ, କଳା ଘୁମୁର ମେଘ ପରି
ହସିଦିଏ, କୁଆଁର ପୁନେଇଁ ଜହ୍ନ ପରି ।

ନିଃଶବ୍ଦ ରାତିର ଛାତି ଚିରି
ଶୁଭ୍ର ଚନ୍ଦ୍ରଲୋକେ
ଉଦ୍ଭାସିତ ହୁଏ।
ଉନ୍ମିଳିତ ବାହୁରେ
ମୋ ସ୍ୱପ୍ନରେ ଆସେ !

ହୃଦୟର ସୂକ୍ଷ୍ମ ଆଭରଣେ
ସ୍ନିଗ୍ଧ ଗୋଲାପର ମଧୁର ମହକ ନେଇ
ବୁଣିଦିଏ ଆଞ୍ଜୁଳାଏ ସ୍ୱପ୍ନ ।
ଭିଜା ମାଟିର ବାସ୍ନାରେ
ବାସ୍ନାୟିତ କରେ ନିଷ୍ଠୁର ହୃଦୟ ,
ଆଉ,
ମଧୁର ଯନ୍ତ୍ରଣା ଦେଇ
ଡେଣା ଝାଡ଼ି ନେଇଯାଏ
ଅନ୍ଧାରୀ ବିଦାୟ ।

+ଯାଲୋଏ, ସୁବର୍ଣ୍ଣପୁର
ମୋ-୯୯୩୮୪୩୩୬୬୫

### ଦୁଃଖ

**ସୁଶ୍ରୀ କାଦମ୍ବରୀ ମହାଖୁଡ**

ସୁଖର ସମୟ ପୂର୍ଣ୍ଣିମାର ଚାନ୍ଦ
ସାଜେ ଅମୋଘ ଅନ୍ଧାର ଦୁସ୍ଥ ଦୁଃଖ
ଅତୀତ ବେଦନା ସ୍ମୃତିକୁ ସୁମରି
ସେ ହାତ ଠାରି ଡାକେ ମୋତେ
ପରଖ ।
ହାତ ଠାରି ଡାକେ ମୋତେ
ପରଖ.....

ଦୁଃଖ .....
ସଜୀବ ଭିତରେ ନିର୍ଜୀବର ବାସ୍ନା
ହଯାଏ ଆଲୋକ ଦିଶେନି ବି
ଜ୍ୟୋସ୍ନା
ବାସ୍ତବ ବିହୀନ ମନ ଆନମନା
ଅମଡ଼ା ବାଟକୁ କରାଏ ସେ ସାମ୍ନା ।
ଅମଡ଼ା ବାଟକୁ କରାଏ ସାମ୍ନା.....

ହେଲେ......
ସୁଖ ସ୍ୱାର୍ଥବାଦୀ ଦୁଃଖ ନିଜର
ଯିବ ଥିଲାଯାଏ କରେନି ପର
ପରିଚୟେ ଦର୍ଶାଏ ତୋର, ମୋର
କୁହେ ....ମିଛ ମୋହ ମାୟା
ସଂସାର।
ମିଛ ମୋହ ମାୟା ସଂସାର.......

ଦୁଃଖ ବଦଳାଏ ସମୟର ଚକ୍ର
ସରଳ ଜୀବନ ସେ ସଜାଏ ବକ୍ର
ଭୋକିଲାର ପେଟ ବିକଳ ତା ପାତ୍ର
ମନ୍ଦ ମଳୟରେ ଏ ଦୁଃଖ ହିଁ ବସ୍ତ୍ର ।
ମନ୍ଦ ମଳୟରେ ଦୁଃଖ ହିଁ ବସ୍ତ୍ର.....

ପିଇବାକୁ ହୁଏ ବାସ୍ତବ ସାମର୍ଥ୍ୟ
ପ୍ରାପ୍ତିର ଆଶାରେ ଅପ୍ରାପ୍ତି ରହସ୍ୟ
ଦୁଃଖ ସ୍ୱତପୃତ ବାସ୍ତବ ର ସତ୍ୟ
ଚାହଁକି ନ ଚାହଁ କରିବ ହିଁ ସ୍ପର୍ଶ ।

ଚାହଁ କି ନ ଚାହଁ କରିବ ସ୍ପର୍ଶ....
'ଦୁଃଖ'

ସ୍ଥାନ - ଗୁଡ଼ିଆନାଳି, ଜିଲ୍ଲା -
ଢେଙ୍କାନାଳ, ପିନ-୭୫୯୦୦୧
ମୋ: ୮୯୦୮୪୧୪୯୭୯

# ଲଣ୍ଡନର ରାସ୍ତାରେ ଛିଡ଼ା ହୋଇଥିବା ବେଳେ ତାପସୀଙ୍କ ସମ୍ମୁଖରେ ପଇସା ପକାଇ ଯାଉଥିଲେ ଲୋକେ

ବଲିଉଡର କିଙ୍ଗ୍ ଶାହାରୁଖ ଖାନ ନିଜର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଡଙ୍କି' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମ ଡିସେମ୍ବର ୨୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ରରେ କିଙ୍ଗ୍ ଖାନ୍‌ଙ୍କ ସହ ଅଭିନେତ୍ରୀ ତାପସୀ ପାନୁ ବି ଦେଖିବାକୁ ମିଳିବେ।

ତାପସୀ ସଂପ୍ରତି ଓଟିଟିର କେତେକ ସୋ'ରେ ନିଜର ଜଲୱା ଦେଖାଇବାରେ ବ୍ୟସ୍ତ। ସେ 'ଡଙ୍କି' ଫିଲ୍ମରେ ନିଜର ଅଭିଜ୍ଞତାକୁ ନିକଟରେ ଖୋଲିକରି କହିଛନ୍ତି।

ଫିଲ୍ମର ପ୍ରମୋସ୍‌ନାଲ୍ ଭିଡିଓରେ ସେ ଅନେକ ଆକର୍ଷଣୀୟ କ୍ଲିପ୍ ସବୁ ପୂର୍ବରୁ ସୋସିଆଲ୍ ମିଡିଆରେ ପୋଷ୍ଟ୍ କରିଛନ୍ତି। ସିନେମାରେ ସେ ଜଣେ ପଞ୍ଜାବୀ ଚରିତ୍ର ନିଭାଇଛନ୍ତି, ଯଏକି ବିଦେଶ ଯାଇ ନିଜ ସ୍ୱପ୍ନ ପୂରା କରିବାକୁ ଭାବୁଛନ୍ତି।

ତାପସୀଙ୍କ ସାକ୍ଷାତ୍‌କାର ସମୟରେ ତାଙ୍କର ଏକ ଫଟୋ ଦେଖିବାକୁ ମିଳିଛି। ଯେଉଁଠାରେ ସେ ଲଣ୍ଡନ ରାସ୍ତାରେ ପ୍ରତିମୂର୍ତ୍ତି ବନି ଛିଡ଼ା ହୋଇଛନ୍ତି। ଏହି ଫଟୋ ପଛରେ ଥିବା କାହାଣୀକୁ ତାପସୀ ଦର୍ଶକଙ୍କ ସହ ସେୟାର କରିଛନ୍ତି।

ତାପସୀଙ୍କ କହିବାନୁସାରେ ତାଙ୍କ ଏକ ପ୍ରତିମୂର୍ତ୍ତି ବା ଷ୍ଟାଚୁ କରି ଦିଆଯାଇ ସୁଟିଂ କରାଯାଉଥାଏ। କ୍ୟାମେରା ଥାଏ, ହେଲେ କେହି ତାହାକୁ ବେଶି ଦେଖି ପାରୁନଥିଲେ। ସେଥିପାଇଁ ଅଧିକାଂଶ ଲୋକ ଆସି ତାଙ୍କ ସମ୍ମୁଖରେ ଟଙ୍କା ପକାଇ ପଳାଇ ଯାଉଥିଲେ।

ଫିଲ୍ମର ଟିଜର ରିଲିଜ୍ ପରେ ଏହାକୁ ନେଇ ଦର୍ଶକ ଉତ୍ସାହିତ ଅଛନ୍ତି। ଫିଲ୍ମ 'ଯବାନ'ର ସଫଳତା ପରେ ଏବେ 'ଡଙ୍କି' ଉପରେ ରହିଛି ସମସ୍ତଙ୍କ ନଜର। ବର୍ଷ ଆରମ୍ଭରୁ ବଲିଉଡର କିଙ୍ଗ ଶାହରୁଖ ଖାନ୍ 'ପଠାନ' ଓ 'ଯବାନ' ଭଳି ବ୍ଲକବଷ୍ଟର ଫିଲ୍ମ ଦେଇଥିବା ବେଳେ ଏବେ 'ଡଙ୍କି'ର ରିଲିଜକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି ଦର୍ଶକ।





# ଗର୍ଭବତୀ ଥିବାର ଚର୍ଚ୍ଚାକୁ ବଢ଼ାଇଲା ଅନୁଷ୍କାଙ୍କ ଇନଷ୍ଟା ଭିଡିଓ

ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବେ ଦ୍ୱିତୀୟ ଥର ଗର୍ଭବତୀ ଥିବା ଖବରକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅନୁଷ୍କାଙ୍କ ଗର୍ଭବତୀ ଥିବା ଖବର ଭାଇରାଲ ହେବାରେ ଲାଗିଥିଲେ ବି ଅଭିନେତ୍ରୀ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ହେଲେ ବାରମ୍ବାର ତାଙ୍କର ଅନେକ ଭିଡିଓ ଭାଇରାଲ ହେଉଛି, ଯାହା ସେ ଗର୍ଭବତୀ ଥିବା ନେଇ ପ୍ରମାଣ ଦେଉଛି। ପୂର୍ବରୁ କିଛି ଭିଡିଓ ସାମ୍ନାକୁ ଆସିଥିବା ବେଳେ ଏବେ ଅନୁଷ୍କା ଇନଷ୍ଟାରେ ଏକ ଭିଡିଓ ସେୟାର କରିଛନ୍ତି, ଯାହା ସେ ଗର୍ଭବତୀ ଥିବା ଚର୍ଚ୍ଚାକୁ ବଢ଼ାଇଛି। ଅନୁଷ୍କା ନିଜ ଇନଷ୍ଟାଗ୍ରାମରେ ଗର୍ଭବତୀ ପରୀକ୍ଷା କିଟର ଏକ ବିଜ୍ଞାପନ ପୋଷ୍ଟ କରିଛନ୍ତି। ପ୍ରେଗା ନିଉଜର ବିଜ୍ଞାପନ ସେୟାର କରିବା ପରେ ଅନୁଷ୍କା ଇଶାରାରେ ଗର୍ଭବତୀ ଥିବା ବିଷୟରେ ସ୍ପଷ୍ଟ କରିଥିବା ନେଇ ଲୋକେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି। ଅନୁଷ୍କା ଶର୍ମାଙ୍କ ପେସାଦାର ଜୀବନକୁ ଦେଖିବାକୁ ଗଲେ ସେ ଖୁବ୍ ଶୀଘ୍ର ଫିଲ୍ମ 'ଚକଡା ଏକ୍ସପ୍ରେସ'ରେ ନଜର ଆସିବେ। ଏହି ଚଳଚ୍ଚିତ୍ର ସହିତ ଦୀର୍ଘ ସମୟ ପରେ ଅନୁଷ୍କା ପରଦାକୁ ଫେରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରଟି ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବ। ଅନୁଷ୍କା ଶର୍ମାଙ୍କୁ ଶେଷ ଥର ପାଇଁ ୨୦୧୮ରେ ମୁକ୍ତିଲାଭ କରିଥିବା ଶାହାରୁଖ ଖାନଙ୍କ ଫିଲ୍ମ 'ଜିରୋ'ରେ ଦେଖିବାକୁ ମିଳିଥିଲା ।

# 'ଟକ୍ସିକ୍'ରେ ଯଶ୍




'କେଜିଏଫ୍' ଓ 'କେକଜିଏଫ୍-୨' ଜରିଆରେ ବକ୍ସ ଅଫିସ୍‌ରେ ସୁନାମି ଆଣିଥିବା ଯଶ୍‌ଙ୍କ ଆଗାମୀ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ତେବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଯଶ୍-୧୯' ହୋଇପାରେ ବୋଲି ଅନେକ ଦିନରୁ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ନିଜେ ଯଶ୍ ଏହା ଉପରୁ ପରଦା ଉଠାଇଛନ୍ତି। ସୋସିଆଲ ମିଡିଆରେ ଏକ ଟିଜର ଜାରି କରି ଯଶ୍ ଫିଲ୍ମର ଟାଇଟଲ୍ ବିଷୟରେ ଜଣାଇଛନ୍ତି। ଯଶ୍ ତାଙ୍କ ଆଗାମୀ ଫିଲ୍ମର ଏକ ଧମାକାଦାର ଟିଜର ଜାରି କରିଛନ୍ତି। ତେବେ ଟିଜରରୁ ଯଶ୍‌ଙ୍କ ଆଗାମୀ ଫିଲ୍ମର ନାମ 'ଟକ୍ସିକ୍' ବୋଲି ସ୍ପଷ୍ଟ ହୋଇଛି। ଏଥିରେ ଯଶ୍‌ଙ୍କ ଝଲକ୍ ଦେଖୀବାକୁ ମିଳିଛି। ଯଶ୍ ପାଟିରେ ସିଗାର ଓ ମୁଣ୍ଡରେ ଟୋପି ପିନ୍ଧି ଦେଖାଯାଇଛନ୍ତି। ମଲାୟାଲମ୍ ଫିଲ୍ମର ପ୍ରଯୋଜକ ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହାର ପ୍ରଯୋଜନା ଦାୟିତ୍ୱରେ କେଭିଏନ୍ ପ୍ରଡକ୍ସନ୍ ରହିଛି। ଏହି ଫିଲ୍ମ ଏପ୍ରିଲ୍ ୧୦, ୨୦୨୫ରେ ପରଦାକୁ ଆସିବ। ତେବେ ଏଥିରେ ଯଶ୍‌ଙ୍କ ବିପକ୍ଷରେ ଦକ୍ଷିଣର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର କାହାଣୀ ଡ୍ରଗ୍ସ ମାଫିଆଙ୍କ ଉପରେ ଆଧାରିତ ହେବ।

# ନ୍ୟାସନାଲ ଟିଭିରେ ସ୍ୱାମୀଠାରୁ ଛାଡପତ୍ର ମାଗିଲେ ଅଙ୍କିତା

ଲୋକପ୍ରିୟ ଟିଭି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ। ଶୋ 'ପବିତ୍ର ରିସ୍ତା'ରୁ ଅର୍ଚ୍ଚନା ଭୂମିକାର ପାଇଁ ଘରେ ଘରେ ପରିଚିତ ହୋଇଥିଲେ। ଅଙ୍କିତା ବଲିଉଡ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଅଙ୍କିତା ବ୍ୟବସାୟ ବିକି ଜୈନଙ୍କୁ ବିବାହ କରିଛନ୍ତି। ବିକିଙ୍କୁ ବହୁ ବର୍ଷ ଧରି ଡେଟ କରିବା ପରେ, ଅଭିନେତ୍ରୀ ଡିସେମ୍ବର ୨୦୨୧ରେ ବିବାହ କରିଥିଲେ । ବର୍ତ୍ତମାନ ଦୁହେଁ ବିଗ୍ ବସ୍ ୧୭ ଘରେ ଏଣ୍ଟ୍ରି କରିଛନ୍ତି । ହେଲେ ସେଠାକୁ ଯାଇ ତାଙ୍କ ସମ୍ପର୍କ ଖରାପ ହେବାକୁ ଲାଗିଛି । ପ୍ରତିଦିନ ଦୁହିଁଙ୍କ ମଧ୍ୟରେ ଝଗଡା ହେଉଛି । ଅଙ୍କିତା ଭାବି ଥିଲେ ବିଗ୍ ବସ୍ ଘରକୁ ଯାଇ ତାଙ୍କର ଏବଂ ବିକିଙ୍କ ସମ୍ପର୍କ ଅଧିକ ଶକ୍ତିଶାଳୀ ହେବ। କିନ୍ତୁ, ଦୁହିଁଙ୍କ ମଧ୍ୟରେ କିଛି ଠିକ୍ ଚାଲୁ ନାହିଁ । ବୁଧବାର ଦିନ ଉଭୟଙ୍କ ମଧ୍ୟରେ ଚାଲିଥିବା ତୀବ୍ର ବିତର୍କରେ ପରସ୍ପର ଉପରେ କିଛି ଗମ୍ଭୀର ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି । ସ୍ୱାମୀ ବିକିଙ୍କର କିଛି କଥା ଶୁଣି ଅଙ୍କିତା ଲୋଖଣ୍ଡେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ବିବୃତ୍ତିରେ ମଧ୍ୟ ସେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ। ଆୟେଶାଙ୍କ ସହ କଥାବାର୍ତ୍ତା ବେଳେ ବିକି କହିଥିଲେ- 'ମୁଁ କିପରି ଅନୁଭବ କରେ ମୁଁ କଦାପି କହି ପାରିବି ନାହିଁ। ବାସ୍ତବରେ ବିବାହିତ ଲୋକଙ୍କୁ, ବିଶେଷକରି ପୁରୁଷମାନଙ୍କୁ। ସେ ପ୍ରକୃତରେ କେଉଁ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ସେ କହିପାରିବେ ନାହିଁ । ବିକିଙ୍କ କଥା ଶୁଣିବା ପରେ ଅଙ୍କିତା ତାଙ୍କୁ ଏପରି କଥା କହିବାର କାରଣ ପଚାରିଥିଲେ। ସ୍ୱାମୀଙ୍କ ଏହି କଥା ଯୋଗୁଁ ଅଙ୍କିତା ଏତେ ରାଗିଗଲେ ଯେ ସେ ଜାତୀୟ ଟେଲିଭିଜନରେ ସ୍ୱାମୀଙ୍କ ଠାରୁ ଛାଡପତ୍ର ମାଗିଥିଲେ। ଅଙ୍କିତା କହିଲା- 'ଯଦି ତୁମର ଏତେ ସମସ୍ୟା ଅଛି ତେବେ ତୁମେ ମୋ ସହିତ କାହିଁକି ଅଛ? ଚାଲ ଛାଡପତ୍ର ନେଇଯିବା। ମୁଁ ତୁମ ସହିତ ଘରକୁ ଫେରିବାକୁ ଚାହେଁ ନାହିଁ।

# ବିଗ୍‌ବସ୍ ବିଜେତାଙ୍କୁ ଘରୁ ଉଠାଇ ନେଲା ପୁଲିସ



ବହୁ ଚର୍ଚ୍ଚିତ ଟିଭି ରିଆଲିଟି ଶୋ' ବିଗ୍‌ବସ୍‌ର ବିଜେତା ଗିରଫ। ତେଲୁଗୁ ବିଗ୍‌ବସ୍ ସିଜନ୍ -୭ର ବିଜେତା ପଲ୍ଲବୀ ପ୍ରଶାନ୍ତଙ୍କୁ ଗିରଫ କଲା ପୁଲିସ। ତାଙ୍କ ସମେତ ପୁଲିସ ତାଙ୍କ ଭାଇ ମହାବୀରଙ୍କୁ ସିଦ୍ଧିପେଟ ଜିଲ୍ଲାର କୋଲଗୁର ଗାଁରେ ଥିବା ତାଙ୍କ ଘରୁ ପୁଲିସ ଉଠାଇ ନେଇଛି। ରବିବାର ରାତିରେ ହାଇଦ୍ରାବାରେ ହୋଇଥିବା ହିଂସକ ଘଟଣା ମାମଲାରେ ତାଙ୍କୁ ପୁଲିସ ଗିରଫ କରିଛି।

ସୂଚନା ମୁତାବକ, ରବିବାର ରାତିରେ ବିଗ୍‌ବସ୍ ବିଜେତାଙ୍କ ନାଁ ଘୋଷଣା ହେବା ପରେ ବିଗ୍ ବସ୍ ଫାଇନାଲିଷ୍ଟର ପ୍ରଶଂସକମାନେ ରାଗି ଯାଇଥିଲେ। ଫ୍ୟାନ୍‌ମାନେ ଷ୍ଟୁଡିଓ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିଯୋଗୀଙ୍କ କାର ଭଙ୍ଗାରୁଜା କରିଥିଲେ। କେବଳ ସେତିକି ନୁହେଁ ରାଜ୍ୟ ସଡକ ପରିବହନ ନିଗରର ଛଅଟି ବସ୍, ଗୋଟିଏ ପୁଲିସ ଗାଡି ଓ ବ୍ୟକ୍ତିଗତ ଗାଡିକୁ ମଧ୍ୟ କ୍ଷତିଗ୍ରସ୍ତ କରିଥିଲେ। ଏହି ଘଟଣାରେ ବିଗ୍‌ବସ୍ ତେଲୁଗୁ ସିଜନ-୭ର ରନର୍ସଅପ୍ ଅମରଦୀପ ଚୌଧୁରୀଙ୍କ ଗାଡି ମଧ୍ୟ ଭଙ୍ଗାରୁଜା ହୋଇଥିଲା। ଏପରିକି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସକୁ ବଳ ପ୍ରୟୋଗ କରିବାକୁ ମଧ୍ୟ ପଡିଥିଲା।

ସେପଟେ ପୁଲସ ବିଗ୍‌ବସ ବିଜେତା ପ୍ରଶାନ୍ତ ଓ ତାଙ୍କ ଫ୍ୟାନ୍‌ମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପୂର୍ବରୁ ପୁଲିସ ଚେତାବନୀ ଜାରି କରିଥିଲେ ସୁଦ୍ଧା ଫ୍ୟାନ୍‌ମାନେ ଶୋଭାଯାତ୍ରା କରିଥିଲେ। ବିଗ୍‌ବସ୍ ବିଜେତା ଘୋଷଣା ହେବା ପରେ ପରେ ପ୍ରଶାନ୍ତଙ୍କ ଫ୍ୟାନ୍‌ମାନେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିବା ବେଳେ ଅମରଦୀପଙ୍କ ସମର୍ଥକମାନେ ବିରୋଧ କରିବା ଆରମ୍ଭ କରିଦେଇଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା।

ଉଲ୍ଲେଖଯୋଗ୍ୟ, ସାଉଥ ସୁପରଷ୍ଟାର୍ ନାଗାର୍ଜୁନ ଚଳିତ ଥରକୁ ମିଶାଇ ପଞ୍ଚମ ଥର ପାଇଁ ବିଗ୍‌ବସ୍ ଶୋ ହୋଷ୍ଟ କରିଛନ୍ତି। ତେଲୁଗୁ ବିଗ୍ ବସ୍‌ର ପ୍ରଥମ ସିଜନରେ ଜୁନିଅର ଏନ୍‌ଟିଆର ହୋଷ୍ଟ କରିଥିଲେ। ସେହିପରି ଦ୍ୱିତୀୟ ସିଜନକୁ ହୋଷ୍ଟ କରିଥିଲେ ସାଉଥ ଅଭିନେତା ନାନି। ଡିସେମ୍ବର ୧୭ ତାରିଖରେ ବିଗ୍ ବସ୍ ତେଲୁଗୁର ଗ୍ରାଣ୍ଡ ଫିନାଲେ ଡିଜ୍‌ନୀ ହଟ୍‌ଷ୍ଟାର ଓ ଷ୍ଟାର ମା'ରେ ପ୍ରସାରିତ ହୋଇଥିଲା।

# ଇଡି ଦାୟର କରିଥିବା ମନି ଲଣ୍ଡ୍ରିଂ ମାମଲାକୁ ବନ୍ଦ କରିବାକୁ ଦିଲ୍ଲୀ ହାଇକୋର୍ଟରେ ପିଟିସନ ଦାଖଲ କଲେ ଜାକ୍‌ଲିନ୍



ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ତାଙ୍କ ନାମରେ ଥିବା ବେଆଇନ୍ ଅର୍ଥ କାରବାର ମାମଲାକୁ ଶେଷ କରିବାକୁ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଦାୟର ହୋଇଥିବା ମାମଲାକୁ ବନ୍ଦ କରିବା ପାଇଁ ସେ ତାଙ୍କ ପିଟିସନରେ ଦାବି କରିଛନ୍ତି।ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ କରିଥିବା ୨୦୦ କୋଟି ଟଙ୍କାର ମନି ଲଣ୍ଡ୍ରିଂ ମାମଲାରେ ଛନ୍ଦି ହୋଇଥିଲେ ଜାକ୍‌ଲିନ୍। କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ଦାଖଲ ହୋଇଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ ତାଙ୍କୁ ଅଭିଯୁକ୍ତ କରାଯାଇଥିଲା। ସେ କିନ୍ତୁ ତାଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗ ମିଥ୍ୟା ବୋଲି ସେ ଆବେଦନ କରିଛନ୍ତି। ଅଭିନେତ୍ରୀଙ୍କ ଉପରେ ଫୋର୍ଟିସ୍ ହେଲଥ କେୟାରର ପୂର୍ବ ପ୍ରମୋଟର ଶିବିନ୍ଦର ସିଂଙ୍କ ପତ୍ନୀ ଆଦିତ୍ୟ ସିଂଙ୍କଠାରୁ ୨୦୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି। ଉଲ୍ଲେଖଯୋଗ୍ୟ, ସୁକେଶ ଚନ୍ଦ୍ରଶେଖର ସମ୍ପୃକ୍ତ ଥିବା ୨୦୦ କୋଟି ଟଙ୍କା ବଟି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମ୍ପୃକ୍ତି ବିଷୟରେ ତଦନ୍ତ କରୁଛି। ସୁକେଶ ଜେଲ୍‌ରେ ଥିବା ବେଳେ ଜାକ୍‌ଲିନ୍‌ଙ୍କୁ ୧୦ କୋଟି ଟଙ୍କା ଉପହାର ପଠାଇଥିଲେ ବୋଲି ଶୁଣିବାକୁ ମିଳୁଥିଲା। ଏହାଛଡ଼ା, ଜାମିନ ପାଇ ଜେଲ୍‌ରୁ ମୁକୁଳିବା ପରେ ସୁକେଶ ଜାକ୍‌ଲିନ୍‌ଙ୍କ ପାଇଁ ମୁମ୍ବାଇରୁ ଚେନ୍ନାଇକୁ ଗୋଟାଏ 'ଚାର୍ଟଡ୍ ଫ୍ଲାଇଟ୍' ମଧ୍ୟ ବୁକ୍ କରିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଥିଲା ଯେ ବ୍ୟବସାୟୀଙ୍କ ପତ୍ନୀଙ୍କ ଠାରୁ ଆଦାୟ କରିଥିବା ଟଙ୍କାରୁ ବହୁଳାଂଶ ଜାକ୍‌ଲିନ୍‌ଙ୍କ ଆକାଉଣ୍ଟ୍‌କୁ ପଠାଇଥିଲା ସୁକେଶ। କିନ୍ତୁ, ଜ୍ୟାକ୍‌ଲିନ୍ କହିଥିଲେ ତାଙ୍କୁ ଅକାରଣରେ ଏହି ମାମଲାରେ ସମ୍ପୃକ୍ତ କରାଯାଇଛି।

# ସୁସ୍ଥ ହେଲେ ଶ୍ରେୟସ୍ ତଲପଡେ





ଶ୍ରେୟାସ୍ ତାଲପଡେଙ୍କ ପ୍ରଶଂସକଙ୍କ ପାଇଁ ଗୁଡନ୍ୟୁଜ୍। ଅଭିନେତାଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି। ଅକ୍ଟୋବର ୧୪ ରେ ଅଭିନେତା ହୃଦଘାତର ଶିକାର ହୋଇଥିଲେ। ଏହା ପରେ ତାଙ୍କୁ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏବେ ୬ ଦିନ ପରେ ଅଭିନେତା ତାଙ୍କ ଘରକୁ ଯାଇଛନ୍ତି। ୧୪ ଡିସେମ୍ବର ସନ୍ଧ୍ୟାରେ ଶ୍ରେୟାସଙ୍କର ହୃଦଘାତ ହେବା ପରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥାକୁ ବିଚାର କରି ଆଞ୍ଜିଓପ୍ଲାଷ୍ଟି କରିବାକୁ ପଡିଲା। ଅଭିନେତାଙ୍କ ପତ୍ନୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇ ଲେଖିଥିଲେ, ମୋ ଜୀବନ, ମୋର ଶ୍ରେୟସ୍ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କରିବାକୁ ମୁଁ ସବୁବେଳେ ଶ୍ରେୟାସଙ୍କ ସହ ଯୁକ୍ତି କରୁଥିଲି, କାହା ଉପରେ ବିଶ୍ୱାସ କରିବି... କିନ୍ତୁ ଆଜି ମୋର ପ୍ରଶ୍ନର ଉତ୍ତର ପାଇଛି ଏବଂ ସେ ହେଉଛନ୍ତି ଭଗବାନ । ଯେତେବେଳେ ଏହି ଭୟଙ୍କର ଘଟଣା ଘଟିଲା ସେତେବେଳେ ସେ ମୋ ସହିତ ଥିଲେ । ମୁଁ ତାଙ୍କ ଅସ୍ତିତ୍ୱ ଉପରେ କେବେବି ପ୍ରଶ୍ନ କରିବି ନାହିଁ ସେ ଅଛନ୍ତି କି ନାହିଁ । ସେହି ସନ୍ଧ୍ୟାରେ ମୋତେ ସାହାଯ୍ୟ କରିଥିବା ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ମୁଁ ଜଣେ ବ୍ୟକ୍ତିଙ୍କ ଠାରୁ ସାହାଯ୍ୟ ମାଗିଲି ଏବଂ ୧୦ ହାତ ସାହାଯ୍ୟ କରିବାକୁ ଆସି ଯାଇଥିଲେ । ମୁଁ ମୋର ହୃଦୟରୁ ଆପଣଙ୍କୁ ଏବଂ ହସ୍ପିଟାଲର ଦଳକୁ ଧନ୍ୟବାଦ ଦେବି । ଯିଏ ତୁରନ୍ତ ପଦକ୍ଷେପ ନେଇ ମୋ ସ୍ୱାମୀଙ୍କୁ ରକ୍ଷା କରିଥିଲେ। ଏହା ହେଉଛି ଏହି ମହାନ ସହର ମୁମ୍ବାଇର ଆତ୍ମା । ଏହା ପରେ ଦୀପ୍ତି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ, ଯେଉଁମାନେ ଶ୍ରେୟାସଙ୍କ ପାଇଁ ଉଦ୍ବେଗ ପ୍ରକାଶ କରିଥିଲେ। ସେ ଲେଖିଛନ୍ତି-ଶ୍ରେୟାସଙ୍କ ସୁରକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୋ ସହିତ ପ୍ରାର୍ଥନା କରିଥିବା ଅନେକ ଲୋକଙ୍କୁ, ତୁମର ପ୍ରେମ, ପ୍ରାର୍ଥନା ଏବଂ ଆଶୀର୍ବାଦ ଆମକୁ ଏହି କଷ୍ଟଦାୟକ ସମୟରୁ ବାହାର କରିଛି ...ଧନ୍ୟବାଦ।

# ନାଁକୁ ଆଦର୍ଶ ଗାଁ: ଗାଁକୁ ରାସ୍ତା ନାହିଁ



ସମ୍ବଲପୁର, ୨୦/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍‌ର ସେନାଘାଟି ଗାଁ। ୨୦୧୬ ମସିହାରେ ଆଦର୍ଶ ଗାଁ ଭାବେ ଘୋଷଣା କରାଯାଇଥିଲା। ଗାଁର ବିକାଶ ପାଇଁ ରାସ୍ତାଘାଟ, ଅଙ୍ଗନବାଡ଼ି, କମ୍ୟୁନିଟି ଗୃହ ଠାରୁ ଆରମ୍ଭ କରି ଅନେକ ଯୋଜନା ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ତଥାପି, ଗାଁର ସ୍ଥିତି ଯେମିତି କି ସେମିତି। ଲୋକେ ମୌଳିକ ସୁବିଧାରୁ ବଞ୍ଚିତ। ନଳକୂଅ ପାଣି ପିଇବା ଗାଁ ଲୋକଙ୍କ ପାଇଁ ମନା। ନଳକୂଅ ପାଣି ପିଇଲେ କିଡ୍‌ନିରେ ଆକ୍ରାନ୍ତ ହେବା ଯଥେଷ୍ଟେ ଆଶଙ୍କା ରହିଛି। ନଳକୂଅ ପାଣିର ନମୁନା ପରୀକ୍ଷା ପରେ ଏହାର ବ୍ୟବହାର ପାଇଁ ସ୍ୱାସ୍ଥ୍ୟ ବିଭାଗ ମନା କରିଥିବା କହୁଛନ୍ତି ଗାଁ ଲୋକେ।

ସେମାନେ କହନ୍ତି, ଗତ କିଛି ବର୍ଷ ମଧ୍ୟରେ ସତ୍ୟବାଦୀ ଦେହୁରୀ, କୀର୍ତ୍ତନ ଦେହୁରୀ, ରଂଜିତ ଦେହୁରୀ, ଶିବ ଦେହୁରୀ, ସୌଭାଗିନୀ ଦେହୁରୀ, ଦଶମୀ ଭୋଇ, ସୁଲୋଚନା ଦେହୁରୀ, ଗୌରଚନ୍ଦ୍ର ରଣା ଆଦି ଅନେକଙ୍କ ଜୀବନ ନେଇଛି କିଡ୍‌ନି ରୋଗ। ଜଣକ ପରେ ଜଣେ ଅନେକ ଲୋକ ଅସମୟରେ ଆରିପାରିକୁ ଚାଲିଯିବା ପରେ ଲୋକେ ନଳକୂଅ ପାଣିର ବ୍ୟବହାର ଛାଡ଼ି ଦେଇଛନ୍ତି। ଡାକ୍ତରୀ ପରାମର୍ଶ ପରେ ଗାଁ ଲୋକଙ୍କ ପାଇଁ କୂଅପାଣି ହିଁ ଭରସା। ଗାଁର ସେହି ଏକମାତ୍ର କୂଅ ବି ବହୁଦିନ ହେଲା ସଫା ହୋଇନାହିଁ। ଗାଧୋଇବା ପାଇଁ ଗାଁ ପାଖରେ ବୋହିଯାଇଥିବା ନାଳ ଉପରେ ନିର୍ଭରଶୀଳ। ତେବେ, ସେହି ନାଳ ହିଁ ସେମାନଙ୍କ ପାଇଁ ଯାତାୟାତ ସମୟରେ ଦୁଃଖର କାରଣ ପାଲଟିଛି। ପଞ୍ଚାୟତ ମୁଖ୍ୟାଳୟ ଗରଗଡ଼ବାହାଲକୁ ଯିବାକୁ ହେଲେ ୨ଟି ନାଳ ଅତିକ୍ରମ କରିବାକୁ ପଡୁଛି। ମଧୁବାବୁ ପେନ୍‌ସନ୍ ପାଇଁ ପ୍ରାୟ ୮ କିଲୋମିଟର ଦୂର ଯିବାକୁ ପଡୁଛି। ବୃଦ୍ଧାବସ୍ଥାରେ ଖାଲଖମା ଭରା ମାଟି ରାସ୍ତାରେ ଏତେ ବାଟ ଅତିକ୍ରମ କରିବା କଷ୍ଟସାଧ ହୋଇଥିଲେ ବି ଅନ୍ୟ ବିକଳ୍ପ ନାହିଁ। ସବୁଠାରୁ ସାଂଘାତିକ ଅଭିଯୋଗ ହେଲା, ଖରାପ ରାସ୍ତା ଯୋଗୁ ସେନାଘାଟିରେ ବାହାଘର ପାଇଁ ଝିଅ ଦେବାକୁ ଅନ୍ୟ ଗାଁ ଲୋକେ ମନା କରୁଛନ୍ତି। ଏକ ସପ୍ତାହ ତଳେ ଏଭଳି ଏକ ଘଟଣା ଘଟିଥିବା କହନ୍ତି ଗାଁ ଲୋକେ। କଂସ ନାୟକ କହନ୍ତି, ତାଙ୍କ ପୁଅ ଆଇଟିଆଇ ସାରିବା ପରେ ଡିପ୍ଲୋମା ପଢ଼ିଛନ୍ତି। ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଠିକ୍ ହୋଇଥିଲା। ଝିଅଘର ଲୋକେ ପୁଅକୁ ପସନ୍ଦ ବି କରିଥିଲେ। ତେବେ, ଆମ ସେନାଘାଟି ଗାଁକୁ ଆସିବା ପରେ ସେମାନଙ୍କ ମତ ବଦଳି ଯାଇଥିଲା। ସେମାନେ କହିଲେ, 'ତୁମ ଗାଁ ରାସ୍ତାର ଭଲ ନାହିଁ। ଏଠାରେ ବାହାଘରଦେଇ ଆମ ଝିଅକୁ ଅସୁବିଧାରେ ପକାଇବାକୁ ଚାହୁଁନାହିଁ। ସେଭଳି ସମାନ କଥା କହିଛନ୍ତି ଗାଁର ଅନ୍ୟ ଜଣେ ଯୁବକ କୁନା ଦେହୁରୀ। କୁନା କହନ୍ତି, ପେସାରେ ସେ ଜଣେ ଟ୍ରକ୍ ଚାଳକ। ବାହାଘରକୁ ଦୃଷ୍ଟିରେ ରଖି ନିଜ ସଂଚିତ ଧନରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚକରି ନୂଆଘରଟିଏ ତିଆରି କରିଛନ୍ତି। ହେଲେ, ଗାଁ ରାସ୍ତାଘାଟ ଖରାପ ଥିବାରୁ ଝିଅ ଦେବାକୁ ଲୋକେ ରାଜି ହେଉନାହାନ୍ତି। ଏଭଳି ସ୍ଥିତିରେ ଚାରମାଳ ଠାରେ ରହିବା ଯୋଜନା କରୁଛି ବୋଲି ସେ କହିଛନ୍ତି। ଗାଁର ଅଧିକାଂଶ ଲୋକ ମାଟିଘରେ ରହୁଛନ୍ତି। ଆବାସ ଯୋଜନାରେ ଅନେକ ଥର ଆବେଦନ କଲେ ବି ଘର ମିଳୁ ନାହିଁ। ବିଧବା ଭତ୍ତା ପାଇବାରୁ ବି ଅନେକ ହିତାଧିକାରୀ ବଂଚିତ ହୋଇଛନ୍ତି। ଗାଁରେ ସ୍କୁଲ ତ ଭିନ୍ନ କଥା ଅଂଗନୱାଡ଼ି କେନ୍ଦ୍ରଟିଏ ବି ହୋଇପାରିଲା ନାହିଁ। ଗାଁର କିଛି ଲୋକ ନିଜ ପିଲାଙ୍କୁ ସଂପର୍କୀୟ ଘରେ ରଖି ପାଠ ପଢ଼ିବାକୁ ଛାଡ଼ି ଦେଉଛନ୍ତି। ଯେଉଁମାନଙ୍କ ସୁବିଧା ନାହିଁ, ସେମାନଙ୍କ କୋମଳମତି ପିଲାଏ ଚାଲି ଚାଲି କଣ୍ଢେଲ ଗାଁ ସ୍କୁଲକୁ ଯିବାକୁ ବାଧ ହେଉଛନ୍ତି। ମୋବାଇଲ ନେଟ୍‌ୱର୍କ ପାଇଁ ପାଖରେ ଥିବା ଏକ ଉଚ୍ଚ ପଥରଖଣ୍ଡ ଉପରକୁ ଚଢ଼ିବାକୁ ପଡ଼େ। 'ରାଜ୍ୟର ସବୁ ମଠ ମନ୍ଦିର ପାଇଁ ସରକାର ଅନୁଦାନ ଦେଉଛନ୍ତି। ଆମ ପାଇଁ ସାଧୁସନ୍ଥଙ୍କ ରହିବା ନିମନ୍ତେ ଜାଗାଟିଏ ନାହିଁ ବୋଲି ଗାଁରେ ମହିମା ଧର୍ମବଲମ୍ବୀମାନେ କହିଛନ୍ତି।

# ଭୁବନ ବୁଢ଼େଶ୍ୱର ମନ୍ଦିରରେ ସ୍ଥାପନ ହେଲା ନନ୍ଦିଘୋଷ ରଥ ଚକ

ଭୁବନ, ୨୧/୧୨ (ନି.ପ୍ର): କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ନନ୍ଦିଘୋଷ ରଥ ଚକ ଭୁବନ ବୁଢ଼େଶ୍ୱର ମନ୍ଦିରରେ ସ୍ଥାପନ କରାଯାଇଛି । ଦିବା ୧୧.୩୦ ମିନିଟ ସମୟରେ ଶ୍ରୀକ୍ଷେତ୍ର ପୁରୀରୁ ନନ୍ଦିଘୋଷ ରଥ ଚକ ଆସି ଭୁବନର ପ୍ରବେଶ ପଥ କକ୍ଷଲୁଣି ଛକ ରେ ପହଂଚିବା ପରେ ନଗରପାଳ ତଥା ଶ୍ରୀ ଜଗନ୍ନାଥ ଚ୍ୟାରିଟେବୁଲ ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁ, ସଙ୍କୀର୍ତନ ମଣ୍ଡଳୀ, ମାତୃ ମଣ୍ଡଳୀ ଓ ସହସ୍ରାଧିକ ଜଗନ୍ନାଥ ପ୍ରେମୀ ଭକ୍ତ ଜୟ ଜଗନ୍ନାଥ ଧ୍ୱନି ଦେଇ ବିପୁଳ ସ୍ୱାଗତ କରିଥିଲେ । କୀର୍ତନ ମଣ୍ଡଳୀ ଗହଣରେ ବିରାଟ ଶୋଭାଯାତ୍ରା ପ୍ରଥମେ ବଡ଼ହାଟ ସ୍ଥିତ ମାଉସୀ ମା ମନ୍ଦିର ,ପରେ ନୂଆବଜର ସ୍ଥିତ ଲକ୍ଷ୍ମୀ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ଓ ବନ୍ଦାଣ ହୋଇ କାଳୀ ବଜାର,ପାଲା ମଣ୍ଡପ, ଦୁର୍ଗା ଛକ,ଲକ୍ଷ୍ମୀ ଛକ,ବଣିଆ ସାହି ଦେଇ ଜଗନ୍ନାଥ ମନ୍ଦିର ରେ ପହଂଚିଥିଲା । ସେଠାରେ ରଥ ଚକ କୁ ପୂଜାର୍ଚ୍ଚନା କରାଯାଇ ବୁଢ଼େଶ୍ୱର ମନ୍ଦିର କୁ ନିଆଯାଇ ସ୍ଥାପନ କରାଯାଇଥିଲା । ଭୁବନ ବାସୀ ଙ୍କ ତରଫରୁ ନନ୍ଦି ଘୋଷ ରଥଚକକୁ ସ୍ୱାଗତ ଓ ବନ୍ଦାପନା ପାଇଁ ପ୍ରତି ଘର ସମ୍ମୁଖରେ ଝୋଟି ଚିତା ପକାଇ ଶୁଭ କଳସ ସ୍ଥାପନ କରାଯାଇଥିଲା ଓ ମହିଳା ମାନେ ବନ୍ଦାଣ କରିଥିଲେ । ଭୁବନସ୍ଥ ଶ୍ରୀ ଜଗନ୍ନାଥ ଚ୍ୟାରିଟେବୁଲ୍ ଟ୍ରଷ୍ଟ ତରଫରୁ ରଥ ଚକ ପାଇଁ ପୁରୀ ଶ୍ରୀ ମନ୍ଦିର କାର୍ଯ୍ୟାଳୟକୁ ମାସକ ପୂର୍ବେ ନିବେଦନ କରାଯାଇଥିଲା । କାମାକ୍ଷା ନଗର ଅଂଚଳର ବାସିନ୍ଦା ତଥା ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ବଳିଷ୍ଠ ଉଦ୍ୟମ ତଥା ଆନ୍ତରିକ ସଦିଚ୍ଛା କାରଣରୁ ଭୁବନ କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଆସିଲା ବୋଲି କୁହାଯାଉଛି । ଏହି କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ସମେତ ପୂର୍ବତନ ନଗରପାଳ କବିତା ବାରିକ, ବଡ଼ହାଟ ସଭାପତି ସୁବ୍ରତ କୁମାର ସାହୁ,ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, ବୁଢ଼େଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁ, କକ୍ଷପୁଡ଼ିଆ ସମାଜ ସଭାପତି ରାମଚନ୍ଦ୍ର ରାଉତ, ଶ୍ରୀଜଗନ୍ନାଥ ଚ୍ୟାରିଟେବୁଲ୍ ଟ୍ରଷ୍ଟ ସମ୍ପାଦକ ନିରଞ୍ଜନ ଗୁରୁ, ଗୋପୀନାଥଙ୍କ ମହାନ୍ତି, ଦିଲ୍ଲୀପ କୁମାର ଦାସ, ସୁଶାନ୍ତ କୁମାର ପୃଷ୍ଟି,ସାମାଜିକ କାର୍ଯ୍ୟକର୍ତା ନିରଞ୍ଜନ ପୃଷ୍ଟି,ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତପନ କୁମାର ଦାସ ପ୍ରମୁଖ ଶୋଭଯାତ୍ରାରେ ସାମିଲ ହୋଇଥିଲେ।

# ପରକନମାଳାରେ ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ

ମାଲକାନଗିରି, ୨୧/୧୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ପରକାନମାଳା ଗ୍ରାମ ପଂଚାୟତ ନିକଟରେ ଥିବା ଧାନ ମଣ୍ଡି ପଡିଆରେ, ଏ ବର୍ଷର ଧାନମଣ୍ଡି ଶୁଭ ଉଦଘାଟନ ଆଜି ହୋଇଯାଇଛି । ଆଜି ଏହି ମଣ୍ଡି ଉଦଘାଟନ ଉତ୍ସବ ରେ କୁଡୁମୁଲୁ ଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗି ସଭାପତିତ୍ୱ କରିଥିଲା ବେଳେ, ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ,ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବଲି ମାଝୀ, ପରାକନମାଳା ସରପଞ୍ଚ ମେନକା ଶିଷା, ସମିତି ସଭ୍ୟ ରାମ ଚନ୍ଦ୍ର ମଲଲି, କୁଡୁମୁଲୁ ଗୁମ୍ମା ସରପଞ୍ଚ ମଙ୍ଗଳା ମାଢି, ଲ୍ୟାମ୍ପ ସଦସ୍ୟ ଭଗବାନ ସାହୁ, ଅର୍ଜୁନ ଓଡି, ନୀଳକଣ୍ଠ ମୁଦୁଲି, ସହଦ୍ୱେ ଶିଷା,ଭାଗିରଥି ମୁଦୁଲି,ଓ ଆର ଏମ ସି କର୍ମଚାରୀ କୈଳାଶ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକଟିକୁ ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ସର୍ବ ପ୍ରଥମେ ଉକ୍ତ ପଂଚାୟତ ର ବରିଷ୍ଠ ନାଗରିକ ନୀଳକଣ୍ଠ ମୁଦୁଲି ଅ ଗ୍ରପୂଜ୍ୟ ଗଣେଶଙ୍କ ତୈଳ ଚିତ୍ର ରେ ପୁଷ୍ପମାଲ୍ୟ ପ୍ରଦାନ ସହ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ କୀର୍ଷାନୀ କହିଥିଲେ ଯେ ସରକାର ଙ୍କ ଦ୍ୱାରା ଲାଗୁ କରାଯାଇଥିବା ଧାନ ସଂଗ୍ରହ ନୀତି କୁ ପ୍ରାଥମିକତା ଦେବା ସହିତ ଚାଷୀ ମାନଙ୍କୁ ଯେମିତି ବିନା କଟନୀ ଛଟନୀ ରେ ସେମାନଙ୍କ ପ୍ରାପ୍ୟ ଅର୍ଥ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ । ଲ୍ୟାମ୍ପ ପରିଚାଳକ ମଧ ଅନୁରୂପ କହିଥିଲେ ଯେ ଚାଷୀମାନେ ସେମାନଙ୍କ ପରିଷ୍କୃତ ଧାନ କୁ ଦିନ ଦୁଇଟା ସୁଦ୍ଧା ମଣ୍ଡି କୁ ଆଣିବା ସହ ଧାନ ର ଗୁଣବତା ପରୀକ୍ଷଣ କରେଇ ନେବା ପାଇଁ ଅନୁରୋଧ କରିଥିଲେ । ସଭାପତି ଶ୍ରୀ ପାଙ୍ଗି ମଧ ଚାଷୀ ମାନଙ୍କ ଖାଲି ବସ୍ତା ବାବଦ କୁ ପାଇବାକୁ ଥିବା ଟଙ୍କା ତୁରନ୍ତ ପୈଠ ପାଇଁ ମିଲର୍ସ ମାନଙ୍କୁ କହିଥିଲେ ଓ ବ୍ୟବସ୍ଥିତ ପ୍ରକାରରେ ଧାନ ମଣ୍ଡି ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକ ଟିରେ ଲ୍ୟାମ୍ପ କର୍ମଚାରୀ ନରହରି ସ୍ୱାଇଁ, ବଳରାମ ଦଳପତି ଓ ଆଶୀର୍ବାଦ ସାହୁ ପ୍ରମୁଖଙ୍କ ସହଯୋଗରେ ବୈଠକଟି ସଫଳ ହୋଇ ଥିବା ଜଣାପଡିଛି ।

# ଦାମାପୁଟ ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର , ୨୧/୧୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଦାମାପୁଟ ଜଙ୍ଗଲରେ ବୁଧବାର ଅବକାରୀ ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିବା ସହ ପ୍ରସ୍ତୁତି କରୁଥିବା ସୁଚନା ପାଇ ଜୟପୁର ଅବକାରୀ ବିଭାଗ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ଜୟପୁର ଅବକାରୀ ବିଭାଗ । ଚଢାଉ କରି ୧୨ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ . ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୁଚନା ଦେଇଛନ୍ତି ।

# କେନ୍ଦ୍ରାପଡ଼ାରେ ଏକାଠି ଲଢିବ ଇଣ୍ଡିଆ ମେଂଟ

କେନ୍ଦ୍ରାପଡ଼ା, ୨୧/୧୨ (ନି.ପ୍ର): ଇଣ୍ଡିଆ ମେଂଟର କଂଗ୍ରେସ, ସିପିଆଇଏମ୍, ସିପିଆଇ ଓ ଆମ୍ ଆଦମୀ ପାର୍ଟିର ଏକ ମିଳିତ କର୍ମୀ ସମ୍ମିଳନୀ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ସଭାପତିତ୍ୱରେ କଂଗ୍ରେସ ଭବନ କଜଳାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିମ୍ନମତେ ଚାରିଗୋଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଛି । ସେଗୁଡିକ ହେଲା, କେନ୍ଦ୍ର ମୋଦୀ ସରକାରର ଦୂରାଚା. ସ୍ୱେଚ୍ଛାଚାର ଓ ଭ୍ରଷ୍ଟାଚାର ବିରୋଧରେ ମେଂଟ ନିରବଚ୍ଛିନ୍ନ ସଂଗ୍ରାମ ଜାରି ରଖିବ ଓ ପ୍ରତ୍ୟେକ ନାଗରିକର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଲଢେଇ କରିବ । ସଂସଦକୁ ଗଣତନ୍ତ୍ରର କବରସ୍ଥାନ କରି ୧୪୧ଜଣ ବିରୋଧୀ ଇଣ୍ଡିଆ ମେଂଟର ସାଂସଦଙ୍କ ନିଲମ୍ବନ ଆଦେଶ ଅବିଳମ୍ବେ ପ୍ରତ୍ୟାହାର କରାଯାଉ ଓ ସଂସଦରେ ପାର୍ଲ୍ୟାମେଂଟର ସୁରକ୍ଷା ତ୍ରୁଟି ପ୍ରସଙ୍ଗ ଆଲୋଚନା କରାଯାଉ । ବିଜେଡି, ବିଜେପି ମଧୁଚନ୍ଦ୍ରିକା ରାଜ୍ୟ ତଥା ଜିଲ୍ଲା ସ୍ୱାର୍ଥ ପରିପନ୍ଥୀ ବୋଲି ସମ୍ମିଳନୀ ଉଦ୍‌ବୋଧନ କରିବା ସହ ଉଭୟଙ୍କ ମଧ୍ୟରେ ଥିବା ଅଲିଖିତ ଚୁକ୍ତିର ପର୍ଦ୍ଦାଫାସ କରିବାକୁ ଇଣ୍ଡିଆ ମେଂଟ ଲୋକଙ୍କ ନିକଟକୁ ଯିବ । କେନ୍ଦ୍ରାପଡା ଜିଲ୍ଲା ସମସ୍ୟା ଯଥା ମେଡିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, କେନ୍ଦ୍ରାପଡାରେ ମେଗା ଶୀତଳ ଭଣ୍ଡାର ପ୍ରତିଷ୍ଠା ଓ କେନ୍ଦ୍ରାପଡାକୁ ଯାତ୍ରୀବାହୀ ରେଳ ଚଳାଚଳକୁ ନେଇ ଜିଲ୍ଲାପାଳ ଅଫିସ ଘେରାଉ କରାଯିବ। ଏଥିସହ ଆସନ୍ତା ୨୨ତାରିଖରେ ଏହି ଚାରିଦଳ ତରଫରୁ ମିଳିତଭାବେ ୧୪୧ଜଣ ନିଲମ୍ବିତ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ କଂଗ୍ରେସ ତରଫରୁ ପିସିସି ସଭ୍ୟ ପ୍ରଫୁଲ୍ଲ ଦାସ, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ମୁକ୍ତାର ଖାଁ, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ଛାତ୍ର କଂଗ୍ରେସ ସଭାପତି ପରଭେଜ ଅଖତର, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇଏମ୍ ନେତା ମାଧବ ଦାସ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ସିପିଆଇ ନେତା ଆଦିକନ୍ଦ ରାଉଳ, ଜିଲ୍ଲା ଆମ୍ ଆଦମୀ ପାର୍ଟି ସଭାପତି ସନ୍ଦୀପ୍ତ କୁମାର ଦାସ, ଆପ୍‌ନେତା ଅଶୋକ କୁମାର ତ୍ରିପାଠୀ, ଆପ୍ ନେତ୍ରୀ ସାଗରିକା ଦାସ ବକ୍ତବ୍ୟ ରଖି ମିଳିତ ଭାବେ ବିଜେଡି ଓ ବିଜେପି ବିରୋଧରେ ଲଢେଇ କରିବା ସହ ଗଣେଶ୍ୱର ବେହେରାଙ୍କ ହାତମୁଠା ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମିଳନୀ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ୧୪୧ଜଣ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା । ଏହି ମିଳିତ କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନରୋ ମ ପାର୍ଥସାରଥୀ, ମହମ୍ମଦ୍ ସାଲିଲ ଫାଇଜଲ୍, ଜାନକୀ ସେଠୀ, ଅବଦୁଲ୍ କାହିର, କାଉନସିଲର ରମେଶ ଚନ୍ଦ୍ର ଦାସ, ଅନନ୍ତ କୁମାର ସ୍ୱାଇଁ, ଉମାଶଙ୍କର ଜେନା, ଶରତ କୁମାର ସ୍ୱାଇଁ, ଅମୂଲ୍ୟ ସେଠୀ, ବିଷ୍ଣୁଚରଣ ବରାଳ,ନଟବର ଜେନା ଓ ହିମାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କଟକ ବଡ଼ ଡାକ୍ତରଖାନାରେ ଦମ୍ପତି ଅଟକ: କିଡ୍‌ନି ପାଇଁ ୧୪ ଲକ୍ଷର ମୂଲଚାଲ୍




କଟକ, ୨୦/୧୨ (ନି.ପ୍ର): କଟକ ବଡ଼ ଡାକ୍ତରଖାନାରେ କିଡନି ପାଇଁ ୧୩ ଲକ୍ଷ ୫୦ ହଜାର ଟଙ୍କାର ମୂଲଚାଲ ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ୯ ଲକ୍ଷ ୫୦ ହଜାର ଟଙ୍କା ଏଥିପାଇଁ ନେବା ପରେ ବି ଦାତା କିଡ଼ନି ନ ଦେବାରୁ ଏହି ଘଟଣା ସାମନାକୁ ଆସିଛି। ଏହାକୁ ନେଇ ମଙ୍ଗଳାବାଗ ରାଣୀହାଟ ଅଞ୍ଚଳରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ପୁଲିସ ସେମାନଙ୍କୁ ଥାନାକୁ ନେଇ ଜେରା କରୁଛି। ତେବେ କିଡନି କାରବାରରେ ମୁଖ୍ୟ ସୂତ୍ରଧର ଅନୁଗୁଳର ଦମ୍ପତିଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କେନ୍ଦୁଝର ଅଞ୍ଚଳର କୁଟୁଲ ମାଝୀଙ୍କ କିଡ଼ନି ସଂକ୍ରମଣ ହୋଇଥିଲା। ଗଲା ଏକ ବର୍ଷ ହେବ ସେ କଟକ ବଡ଼ ଡାକ୍ତରଖାନାକୁ ନିୟମିତ ଆସି ଚିକିତ୍ସିତ ହେଉଥିଲେ। ଏହି ଯିବା ଆସିବା ଭିତରେ ତାଙ୍କର ଅନୁଗୁଳର ମାର୍କଣ୍ଡ ନାଥଙ୍କ ସହିତ ପରିଚୟ ହୋଇଥିଲା। ମାର୍କଣ୍ଡ ନିଜ ପତ୍ନୀ ଶାନ୍ତିଲତାଙ୍କର ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନା ଆସୁଥିଲେ। ତେବେ କୁଟୁଲଙ୍କର ଦୁଇଟି କିଡନି ଖରାପ ହୋଇଥିବାରୁ ଏହାର ପ୍ରତିରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ପରସ୍ପର ସହିତ ପରିଚୟ ପରେ ମାର୍କଣ୍ଡ ନିଜ ପତ୍ନୀଙ୍କ କିଡନି ଦେବା କଥା କହିଥିଲେ। କିନ୍ତୁ ଏଥିପାଇଁ ଟଙ୍କା ଦେବାକୁ କୁଟୁଲଙ୍କୁ କହିଥିଲେ। ଆବଶ୍ୟକୀୟ ପରୀକ୍ଷା ପରେ ଗୋଟିଏ କିଡନି ଦାନ ପାଇଁ ୧୩ ଲକ୍ଷ ୫୦ ହଜାର ଟଙ୍କା ସ୍ଥିର ହୋଇଥିଲା। କୁଟୁଲଙ୍କ ପତ୍ନୀ ଚୁକ୍ତି କରି ୯ଲକ୍ଷ ୫୦ ହଜାର ଟଙ୍କା ମାର୍କଣ୍ଡଙ୍କୁ ଦେଇଥିଲେ। ଅଧା ଟଙ୍କା ନଗଦ ଆକାରରେ ଦେଇଥିଲେ। ଅସ୍ତ୍ରୋପଚାର ପରେ ଚିକିତ୍ସା ବାବଦ ଖର୍ଚ୍ଚ ମାସିକ ୩୦ ହଜାର ଟଙ୍କା ଦେବାକୁ ଚୁକ୍ତିରେ ଉଲ୍ଲେଖ ଥିଲା। କିନ୍ତୁ କିଡନି ପ୍ରତିରୋପଣ ନହେବା ଆଗରୁ ମାର୍କଣ୍ଡ ମାସିକ ଖର୍ଚ୍ଚ ଦାବି କରିଥିଲେ। କୁଟୁଲଙ୍କ ପତ୍ନୀ ଦୁଲାରି ଏହି ଟଙ୍କା ପ୍ରଦାନ କରିଥିଲେ। ଏହିଭଳି ଭାବେ ଗଲା ୧ ବର୍ଷ ଭିତରେ ମାର୍କଣ୍ଡ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଅସ୍ତ୍ରୋପଚାର ପାଇଁ ସମୟ ଗଡ଼ାଇ ଚାଲିଥିଲେ। ସେ ଅନୁଗୁଳରୁ ବାଲେଶ୍ୱର ଓ ପରେ କଟକ ଚାଲି ଆସିଥିଲେ। ଏହା ପରେ ସେ ଆଉ କୁଟୁଲଙ୍କ ସହିତ ଯୋଗାଯୋଗ ରଖି ନଥିଲେ। ଦୁଲାରି ତାଙ୍କୁ ଖୋଜିଥିଲେ ମଧ ପତ୍ତା ମିଳି ନଥିଲା। ତେବେ ମାର୍କଣ୍ଡ ନିଜ ପରିବାର ଲୋକଙ୍କ ସହିତ ରାଣୀହାଟ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ଏ ସମ୍ପର୍କରେ ଦୁଲାରି ସୂଚନା ପାଇ କଟକରେ ପହଞ୍ଚି ଥିଲେ। ସେଠାରେ ସେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ମୁହଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ମଙ୍ଗଳାବାଗ ଥାନା ପୁଲିସକୁ ଖବର ଦେବା ପରେ ପୁଲିସ ସେଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲା। କିନ୍ତୁ କୌଣସି ସୁଫଳ ମିଳି ନଥିଲା। ଦୁଲାରି ଏ ସଂପର୍କରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାର୍କଣ୍ଡଙ୍କୁ ଥାନାକୁ ନେଇଥିଲା। କିଛି ସମୟ ପରେ ମାର୍କଣ୍ଡର ପତ୍ନୀ ଆସି ପହଞ୍ଚି ଘଟଣା ସମ୍ପର୍କରେ ସ୍ୱୀକାର କରିଥିଲେ। ପୁଲିସ ତାଙ୍କୁ ବି ଥାନାରେ ଅଟକ ରଖି ପଚରାଉଚରା କରୁଛି। କିନ୍ତୁ ଥାନାରେ ମାର୍କଣ୍ଡ ପୁଲିସ ସାମନାରେ ଏହି କିଡନି କାରବାରକୁ ନେଇ ଭିନ୍ନ କଥା କହିଛନ୍ତି। ସେମାନେ କିଡନି ପାଇଁ ଅନ୍ୟ ଜଣେ ଦାତାଙ୍କୁ ଖୋଜୁଥିଲେ ବୋଲି କହିଛନ୍ତି।

# ମାୟାବର୍ହା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ସୁବର୍ଣ୍ଣପୁର, ୨୧/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ମାୟାବର୍ହା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତ ଭବ୍ୟ ସଭାରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଗଣେଷ ଭୋଇ, ମାୟାବର୍ହା ସେବା ସମବାୟ ସମିତିର ସଭାପତି ରାଧାକାନ୍ତ ଯୁଆଡ଼ି, ଅବସରପ୍ରାପ୍ତ ଶିକ୍ଷକ ମନୋଜ କୁମାର ପୂଜାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ସହିତ ଖେଳ ପ୍ରତି ମନଦୃଢ଼ କଲେ ଜୀବନରେ ସଫଳ ହେବେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ନନ୍ଦିଘୋଷ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବାଳକ ଓ ବାଳିକା ବିଭାଗରେ ସର୍ବମୋଟ ୧୪ ଗୋଟି ବିଭାଗରେ ଖେଳ ପ୍ରତିଯୋଗିତା ଆୟୋଜିତ ହେବ।

# ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ରକ୍ତଦାନ ଶିବିର

ସୁବର୍ଣ୍ଣପୁର, ୨୧/୧୨ (ନି.ପ୍ର): ସମନ୍ୱିତ ଯୁବ ବିକାଶ କାର୍ଯକ୍ରମ ଅନ୍ତର୍ଗତ ଏକ ମେଗା ରକ୍ତଦାନ ଶିବିର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ସୋନପୁର ଠାରେ ଆଜି ଅନୁଷ୍ଠିତ ହୋଇ ଯାଇ ଅଛି। ଏହି କାର୍ଯ୍ୟକ୍ରମ କୁ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଓ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦୁର୍ଗାଦତ ଦାସ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍ଘାଟନ କରି ଥିଲେ। ଏବଂ ଆମେ ଅନ୍ୟକୁ ସବୁବେଳେ କିଛି ଦେବା ଶିଖିବା ଉଚିତ୍। ତା ଅର୍ଥ କେବଳ ଯେ ଟଙ୍କା ପଇସା ନୁହେଁ , ବିପଦ ବେଳେ ଜଣଙ୍କୁ ସାହସ ଦେବା, ଦୁଃଖ ବେଳେ ସାନ୍ତ୍ୱନା ଦେବା, ଅନ୍ୟ ର ଜୀବନ ବଂଚାଇବାକୁ ଯେମିତି ଆଜି ଆପଣମାନେ ରକ୍ତଦାନ କରି ଛନ୍ତି ବୋଲି ପରାମର୍ଶ କରି ଉତ୍ସାହିତ କରିଥିଲେ । ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ମୃତ୍ୟୁଞ୍ଜୟ ମହାନ୍ତି, ଶୁଭେନ୍ଦୁ ବେହେରା, ମାନିନୀ ନନ୍ଦ, ଗାୟତ୍ରୀ କାର୍ଗୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ରକ୍ତ ଦାନ ଶିବିର ରେ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡ଼ା, ଚିତରଞ୍ଜନ ତ୍ରିପାଠୀ, ଜଗତ ଦରୁ ଅନ, ଟିଟୁ ଭୋଇ, ମୁନା ନାଏକ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଜିଲ୍ଲା ରକ୍ତ ଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା ସମସ୍ତ ରକ୍ତ ଦାତା ଙ୍କୁ ପ୍ରମାଣପତ୍ର ବଂଟନ କରିଥିଲେ।

# ଆମ ପ୍ରକଳ୍ପ ବିକଶିତ ଭାରତ ରଥକୁ ପାଣିକୋଇଲିରେ ସ୍ୱାଗତ

କୋରେଇ, ୨୧/୧୨ (ନି.ପ୍ର): ଆମ ପ୍ରକଳ୍ପ ବିକଶିତ ଭାରତ ରଥକୁ ପାଣିକୋଇଲିରେ ସ୍ୱାଗତ କରାଯାଇଛି । ଆମ ପ୍ରକଳ୍ପ ବିକଶିତ ଭାରତ ରଥ ପାଣିକୋଇଲି ପଂଚାୟତ ମିଶନ ଶକ୍ତି ଗୃହ ଠାରେ ପହଂଚିବା ପରେ ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଉକ୍ତ ରଥ ଗ୍ରାମ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ଗ୍ରୁପ, ମାତୃଶକ୍ତି ଗ୍ରୁପ, ଜୟ ମା ଦୁଗା ଗ୍ରୁପ, ମା ତାରିଣୀ ଗ୍ରୁପ, ମା ମଙ୍ଗଳା ଗ୍ରୁପ ଓ ଜୟ ହନୁମାନ ଗ୍ରୁପର ସମସ୍ତ ସଦସ୍ୟ ଯୋଗଦେବା ସହ ସମ୍ପାଦିକ ବିଣାପାଣୀ ଜେନା, ପ୍ରଜ୍ଞା ପାରମିତା ସାମଲ, ଅନିତା ରାଣୀ ନନ୍ଦୀ, ବିନୋଦିନୀ ମଲ୍ଲିକ, ଜ୍ୟୋତି ମହାପାତ୍ର ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ବିକଶିତ ଭାରତ ରଥକୁ ସ୍ୱାଗତ କରିଥିଲେ ।

# ନୂତନ ସିରିଡି ସାଇ ମନ୍ଦିର ପ୍ରତିଷ୍ଠାରେ ଭାଗ ନେବେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ

କେନ୍ଦ୍ରାପଡ଼ା, ୨୧/୧୨ (ନି.ପ୍ର): କେନ୍ଦ୍ରାପଡା ଗରାପୁର ସ୍ଥିତ ସାଇ ବିହାର ପରିସରରେ ଶ୍ରୀ ସିରିଡି ସାଇ ଜନ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଏକ ନୂତନ ମନ୍ଦିର ପ୍ରତିଷ୍ଠା, ମୂର୍ତି ପ୍ରତିଷ୍ଠା, ସାଇ ଯଜ୍ଞ କାର୍ଯ୍ୟକ୍ରମ ଆଗାମୀ ୨୩ ତାରିଖରେ ଅନୁଷ୍ଠିତ ହେବ । ଏଥିରେ ବିଶିଷ୍ଟ ସାଇ ଭକ୍ତ ଓ ଆଧ୍ୟାତ୍ମିକ ପ୍ରବକ୍ତା ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଅତିଥି ଭାବେ ଯୋଗ ଦେଇ ଅଂଶଗ୍ରହଣ କରିବେ । ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦିଆଯାଇଛି । ପୂର୍ବତନ ସାଂସଦ ଶ୍ରୀମତୀ ଅର୍ଚ୍ଚନା ନାୟକ ଏଥିରେ ସୂଚନା ଦେଇ କହିଥିଲେ ଯେ, ମନ୍ଦିର ନିର୍ମାଣ ପାଇଁ ୨୦୦୮ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଏବେ ସଂପୂର୍ଣ୍ଣ ହେଲା । ୨୧ ତାରିଖ ଗୁରୁବାର ଯଜ୍ଞ ଅଙ୍କୁରା ରୋପଣ, ଗର୍ଭାଧାନ ଓ ମଣ୍ଡଳ କରଣ ପରେ ଶୁକ୍ରବାର ଗୁରୁ, ସୂର୍ଯ୍ୟ, ଗୋ, ମଣ୍ଡଳ ପୂଜା ଉପରାନ୍ତ ଉପସ୍ଥାପନ କରାଯାଇ ମଧ୍ୟାହ୍ନରେ ସାଇ ହବନ, ଦତାତ୍ରେୟ ହବନ, ମହା ଗଣପତି ହବନ, ମନ୍ଦିର ପ୍ରତିଷ୍ଠା, ଧ୍ୱଜଚକ୍ର ସ୍ଥାପନ ପରେ ସଂନ୍ଧ୍ୟା ସମୟରେ ବାବାଙ୍କର ଅଧିବାସ ବିଧି କରାଯିବ । ଶନିବାର ମୂର୍ତି ପ୍ରାଣ ପ୍ରତିଷ୍ଠା, ମହା ଅଭିଷେକ ଓ ପୁଷ୍ପାଞ୍ଜଳୀ ପରେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ସେଲ୍ ରିପ୍ରେଜେଂଟେଟିଭ୍ ମାନଙ୍କ ପ୍ରତିବାଦ ଓ ୨୪ ଘଂଟିଆ ଧର୍ମଘଟ

ଜୟପୁର, ୨୧/୧୨ (ନି.ପ୍ର): ମେଡିକାଲ ସେଲସ୍ ରିପ୍ରେଜେଂଟେଟିଭ୍ ମାନଙ୍କ ସର୍ବ ଭାରତୀୟ ସଂଗଠନ ଫେଡେରେସନ୍ ଅଫ୍ ମେଡିକାଲ ଆଣ୍ଡ୍ ସେଲ୍ସ ରିପ୍ରେଜେଂଟେଟିଭ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ଡାକରାରେ ସାରା ଦେଶରେ କାର୍ଯ୍ୟରତ ମେଡିକାଲ ଓ ସେଲ୍ସ ରିପ୍ରେଜେଂଟେଟିଭ୍ ମାନେ କେନ୍ଦ୍ର ସରକାରଙ୍କ ସେଲସ୍ ପ୍ରମୋସନ୍ କମ୍ପ୍ଲେସ୍ ଆକ୍ଟକୁ ଉଚ୍ଛେଦ କରିବା ନିଷ୍ପତ୍ତିକୁ ବିରୋଧ କରି ଏବଂ ୮ ଦଫା ଦାବି ସମର୍ଥନରେ ୨୪ ଘଂଟିଆ ଧର୍ମଘଟରେ ଯୋଗ ଦେଇଛନ୍ତି । ଏହି ଡାକରା ରେ ଜୟପୁର ସରକାରୀ ବସ ଷ୍ଟାଣ୍ଡ ନିକଟରେ ଜୟପୁର ଶାଖା ର ସଦସ୍ୟ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଓଡ଼ିଶାର କାର୍ଯ୍ୟରତ ସମସ୍ତ ମେଡ଼ିକାଲ୍ ଓ ସେଲ୍ସ ରିପ୍ରେଜେଂଟେଟିଭ୍ ମାନଙ୍କ ତରଫରୁ ଓ 'ଶ୍ରୁ' ଦ୍ୱାରା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ମେଡିକାଲ ଓ ସେଲ୍ସ ରିପ୍ରେଜେଂଟେଟିଭ୍ ମାନଙ୍କର ଚାକିରୀ ସର୍ତ୍ତାବଳୀ ଗୁଡ଼ିକୁ ସୁରକ୍ଷିତ କରୁଥିବା ସେଲସ୍ ପ୍ରମୋସନ୍ 'କମ୍ପ୍ଲିୟିଜ୍ ଆକ୍ଟ 'କୁ ଖାରଜ କରିବା ପରିବର୍ତ୍ତେ ଏହାକୁ ବଳବତ୍ତର ରଖିବା ତଥା ସେମାନଙ୍କ ପାଇଁ ବିଧିବଦ୍ଧ ଭାବରେ ବୃତ୍ତିଗତ କାର୍ଯ୍ୟ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ନିୟମ ଲାଗୁ କରିବା,ସରକାରୀ ହସ୍ପିଟାଲ୍ ଓ ମେଡ଼ିକାଲ କଲେଜ ଇତ୍ୟାଦି କାର୍ଯ୍ୟ କ୍ଷେତ୍ରରେ ଥିବା ସମସ୍ତ ଅର୍ଥନୈତିକ ଅବରୋଧ ଗୁଡ଼ିକୁ ବାତିଲ କରିବା ଇତ୍ୟାଦି ପ୍ରମୁଖ ଦାବି ରହିଛି। ଏତଦ୍ ସଂଲଗ୍ନ ଦୀର୍ଘ ୫ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ହେବ' ଓଡ଼ିଶା ସେଲସ୍ ରିପ୍ରେଜେଂଟେଟିଭ୍ ୟୁନିୟନ 'ତଥା ଏଫ୍ ଏମ୍ ଆର୍ ଏ ଆଇ ଦ୍ୱାରା ଔଷଧ ସମ୍ପର୍କିତ ଜନ ସାଧାରଣ ସ୍ୱାର୍ଥ ସମ୍ବଳିତ ଦାବି ଗୁଡ଼ିକ ଯଥା କୋଠର ନିୟମ ପ୍ରଣୟନ ଦ୍ୱାରା ସମସ୍ତ ଔଷଧ ତଥା ମେଡିକାଲ ଯନ୍ତ୍ରାଂଶ ଗୁଡ଼ିକର ବିକ୍ରୟ ମୂଲ୍ୟ କଡା କଡି ଭାବେ ନିୟନ୍ତ୍ରଣ କରିବା ସରକାରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଆହୁରି ବ୍ୟାପକ କରାଯାଇ ଏଥିରେ ସମସ୍ତ ପ୍ରକାରର ଉନ୍ନତିକରଣ କରିବା ଏବଂ ସମସ୍ତ ଔଷଧ ତଥା ମେଡିକାଲ ଯନ୍ତ୍ରାଂଶ ଉପରୁ ସବୁ ଟିକସ ହଟାଇଦେବା ଇତ୍ୟାଦି ଦାବି ଗୁଡ଼ିକୁ ନେଇ ଯେଉଁ ନିରନ୍ତର ଆନ୍ଦୋଳନ ଜାରି ରହିଛି ସେ ସମସ୍ତ ଦାବି ଗୁଡ଼ିକ ମଧ୍ୟରୁ ପ୍ରମୁଖ ଦାବି ଗୁଡ଼ିକୁ ମଧ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବି ପତ୍ରରେ ଅଗ୍ରାଧିକାର ଦିଆଯାଇଛି।

# କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ



ବାସୁଦେବପୁର, ୨୧/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତ ର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ନବମ ଓ ଦଶମ ଶ୍ରେଣୀ ଛାତ୍ର ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଦଶମ ଶ୍ରେଣୀ ଛାତ୍ର ମାନେ ନିର୍ଦ୍ଧାରିତ ୬ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ନବମ ଶ୍ରେଣୀ ଛାତ୍ର ମାନେ ୫୦ ରନ ସଂଗ୍ରହ କରିଥିଲେ । ଦଶମ ଶ୍ରେଣୀ ପିଲାମାନେ ବିଜୟ ଲାଭ କରିଥିଲେ । ନବମ ଶ୍ରେଣୀ ଛାତ୍ର ମନୋଜ ବାରିକ, ରାଜେଶ ନାୟକ, ସତ୍ୟ ସୁନ୍ଦର ମହାକୁଡ଼, ପଙ୍କଜ ନାୟକ, ସଞ୍ଜୟ ବାରିକ, ମନୋରଞ୍ଜନ ମହାକୁଡ଼, ସୌମ୍ୟ ରଞ୍ଜନ ବେହେରା, ହିମାଂଶୁ ବାରିକ, ଜିତ ପ୍ରକାଶ ସ୍ୱାଇଁ ଓ ଦଶମ ଶ୍ରେଣୀ ପିଲା ବଳରାମ ବେହେରା, ସୌମ୍ୟ ରଞ୍ଜନ ପଲେଇ, ରଜତ ନାୟକ ପ୍ରମୁଖ ଏହି ଖେଳ ରେ ଅଂଶ ଗ୍ରହଣ କରିଥିଲେ । ନବମ ଶ୍ରେଣୀ ଛାତ୍ର ସୁବ୍ରତ ପରିଡା ସର୍ବାଧିକ ୩୦ ରନ କରିଥିଲେ । ନବମ ଶ୍ରେଣୀ ର ଦକ୍ଷ ଖେଳାଳି ମନୋଜ ବାରିକ ଗୋଟିଏ ଓଭର ବୋଲିଂ କରି ଦୁଇଟି ଉଇକେଟ ହାସଲ କରିଥିଲେ । ଏହି ଖେଳରେ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇ ଥିଲେ ରଶ୍ମି ରଞ୍ଜନ ବାରିକ ଓ ବିନ୍ଦୁ ସାଗର ପରିଡା । ବିଦ୍ୟାଳୟ ତରଫରୁ ଖେଳାଳି ମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ସହକାରୀ ଶିକ୍ଷକ ରାକେଶ ନାୟକ, ସୁନୀଲ ନାୟକ, ପ୍ରତାପ ବାରିକ ପିଲା ମାନଙ୍କ ସହିତ ମ୍ୟାଚ ଖେଳିଥିଲେ । ଶିକ୍ଷକ ବଳରାମ ବାରିକ, ମାନସୀ ରାଣୀ ନାଥ, ଲିପିକା ସେନାପତି, ବିଜୟ ଲକ୍ଷ୍ମୀ ବେହେରା ପ୍ରମୁଖ ଏହି ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚରେ ସହଯୋଗ କରିଥିଲେ । ଶେଷରେ ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ




ବାଲେଶ୍ୱର, ୨୧/୧୨ (ନି.ପ୍ର): ବାଲେଶ୍ୱର ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀ ଯୁକ୍ତ ଆରତ ମନ୍ତ୍ରୀ ଉଦଘାଟନ କରିଥିଲେ । ବାଲେଶ୍ୱର ପୌର ପାଳିକାର ଭାଇସ ଚେୟାରମ୍ୟାନ ଶ୍ରୀଯୁକ୍ତ କୈଳାଶ ସେଠି, ବିଦ୍ୟାଳୟ ପରିଚାଳନା ସଦସ୍ୟ ଶ୍ରୀ ଓମ ପ୍ରକାଶ ଅଗ୍ରୱାଲ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମଧୁସ୍ମିତା ନାୟକ ନିଜ ନିଜ ର ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଏହି କ୍ରୀଡା ଉତ୍ସବ ରେ ଭାଗ ନେଇଥିଲେ । ବରିଷ୍ଠ କ୍ରୀଡା ଶିକ୍ଷକ ଶ୍ରୀ ଚିତ୍ତ ରଞ୍ଜନ ପଶା ଓ ଅମୁଲ୍ୟ ଦାସ ଙ୍କ ଦ୍ୱାରା ସମସ୍ତ କ୍ରୀଡା ପରିଚାଳନା ହୋଇ ଥିଲା । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି କ୍ରୀଡା ଉତ୍ସବ ରେ ସାହାଯ୍ୟ ଓ ସହଯୋଗ କରି କ୍ରୀଡା ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ନୀଳଗିରି ଜିଲ୍ଲା କାର୍ଯ୍ୟକାରୀ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ

ନୀଳଗିରି , ୨୧/୧୨ (ନି.ପ୍ର): ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ବରିଷ୍ଠ ଆଇନଜୀବୀ ଗଦାଧର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ରିୟାନୁଷ୍ଠାନ କମିଟିର ସଭାପତି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ବିଭିନ୍ନ ତରିକାରେ ନୀଳଗିରିକୁ ଜିଲ୍ଲା ଦାବିନେଇ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ ସଙ୍ଗଠନର ଉପଦେଷ୍ଟା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ଯୋଗଦେଇ ଏହି ଆନ୍ଦୋଳନକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଆଇ. ଏନ.ଟି ୟୁ. ସି ସଭାପତି ସୁରେଶ ବେହେରା, ଦାମୋଦର ବିଶ୍ୱାଳ, ପରମାନନ୍ଦ ପାତ୍ର, ଅନାଦି ବେହେରା, ରେଖା ହେମ୍ବ୍ରମ, ସୁରେଶ ଦାସ, ନିହାର ଜେନା ପ୍ରମୁଖ ଯୋଗ ଦେଇ ଆନ୍ଦୋଳନକୁ ରାଜ୍ୟ ସ୍ତରକୁ ନେବାକୁ ଆହ୍ୱାନ ଦେଇଥିଲେ । ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱର ଚାଲ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ବେଳେ ନୀଳଗିରି ଉପଖଣ୍ଡରେ ଆଗାମୀ ଜାନୁଆରୀ ୨ତାରିଖ ଠାରୁ ୨୦ଟି ପଥପ୍ରାନ୍ତ ସଭା ଆୟୋଜନ କରିବାର ନିଷ୍ପତି ନିଆଯାଇଛି । ଏଥିସହ ସମଗ୍ର ଉପଖଣ୍ଡରେ ମଟର ସାଇକେଲ ରାଲି କରାଯାଇ ନୀଳଗିରି ଜିଲ୍ଲା ଗଠନରେ ଜନଜାଗରଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା ।

# ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନ ପର୍ବ - ୨୦୨୩




ଭଦ୍ରକ, ୨୧/୧୨ (ନି.ପ୍ର): ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷାବିଭାଗ, ଓଡ଼ିଶ ପକ୍ଷରୁ ପ୍ରାୟୋଜିତ ସମ୍ପନ୍ଵିତ ଯୁବ ବିକାଶ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୋତ୍ସବ ତଥା ମହାବିଦ୍ୟାଳୟର ବାର୍ଷିକୋତ୍ସବ ମହାଆଡ଼ମ୍ବର ସହିତ ପରିପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ, ଭଦ୍ରକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଯୁବଶକ୍ତିର ବିକାଶ ନିମିତ୍ତ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ବଦ୍ଧତା ସମ୍ପର୍କରେ ଆଲୋକପାତ କରିବା ଅବସରରେ ବିଜ୍ଞାନର ଚରମଉତ୍କର୍ଷ ସର୍ବତ୍ର ପରିଦୃଷ୍ଟ ହେଉଥିବାବେଳେ କୌଣସି ପ୍ରତିଭାର ଅବମୂଲ୍ୟାୟନ ହେବାକୁ ଦିଆଯିବ ନାହିଁ, ସୁତରାଂ ଛାତ୍ରଛାତ୍ରୀମାନେ ଏକ ସୁସମୃଦ୍ଧି ଦେଶଗଠନରେ ପ୍ରମୁଖ ଭାଗୀଦାର ହେବା ନିମିତ୍ତ ଆହ୍ୱାନପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ବିଶିଷ୍ଟ କଥାକାର ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ପ୍ରଫେସର ପବିତ୍ର ପାଣିଗ୍ରାହୀ ପ୍ରାଚୀନ ସଂସ୍କୃତ ସାହିତ୍ୟମାନଙ୍କରୁ ବିଭିନ୍ନ ଉପାଦେୟ ପ୍ରସଙ୍ଗମାନ ଉଦ୍ଧାରକାରି ସଂସ୍କୃତଭାଷାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ତ୍ୟାଗଭୂମି ମହୋତ୍ସବର ସଭାପତି ସମାଜସେବୀ ଅଜୟ କୁମାର ନାୟକ, ବିଶିଷ୍ଟଅତିଥି ରାଜ୍ୟ ବିଜ୍ଞାନ ଏକାଡ଼େମୀର ସଦସ୍ୟ ତଥା ସୁସାହିତ୍ୟିକ ଇଂ ଅଭୟ ସୂତାର, କାଉନ୍‌ସିଲର ସେକ୍ ଜୁଲଫିକର ଅଲ୍ଲୀ , ରାଜଲକ୍ଷ୍ମୀ ମହାପାତ୍ର ପ୍ରଭୃତି ଅତିଥିମାନେ ସ୍ୱକୀୟ ଅଭିଭାଷଣ ପ୍ରଦାନ କରିବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବିକାଶର ମହାକୁମ୍ଭରେ ସାମିଲ ହେବା ନିମିତ୍ତ ଆଲୋକପାତ କରିଥିଲେ । ଏହି ଅବସରରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ପଣ୍ଡିତ ଭାବଗ୍ରାହୀ ମିଶ୍ର, ପଣ୍ଡିତ ପଦ୍ମନାଭ ପଣ୍ଡା, ପଣ୍ଡିତ ଦୟାନିଧି ଦାଶ, ପଣ୍ଡିତ ଅଭିମନ୍ୟୁ ଶୁକ୍ଳଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସଂବର୍ଦ୍ଧିତ କରାଯାଇଥିଲା । ଉକ୍ତ ଯୁବ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ଅଧାପକ ଶୁକଦେବ ପଣ୍ଡା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ଼. ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ଅଧକ୍ଷ ଡ଼ଃ. କୃପାସିନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଦିକାନ୍ତ ପଣ୍ଡା ବେଦପାଠ ଓ ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଅଧାପକ ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ କୁମାର ଦାସ, ଗାୟତ୍ରୀ ମହାନ୍ତି, ମଞ୍ଜୁଲତା ପଣ୍ଡା, ମଧୁସୂଦନ ତ୍ରିପାଠୀ, ସଞ୍ଜିତ କୁମାର ସିହ୍ନା, ରଘୁନାଥ ନାୟକ, ଗୌରାଙ୍ଗ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ମିଶ୍ର ପ୍ରଭୃତି ପରିଚାଳନା କରିଥିଲେ । ଭଦ୍ରକର ଗଣ୍ୟମାନ୍ୟ ଆମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ସାହିତ୍ୟ ଏକାଡ଼େମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ସମାଜସେବୀ ସୁଧାକର ରାଉତ, କିରଣ ଚନ୍ଦ୍ର ଗୁଇଁ, ଗଭର୍ଣ୍ଣିଂବଡ଼ି ସଦସ୍ୟା ଜରିମୁନ୍ ନେସା, ବସୁମିତ୍ରା ସାହୁ, ଅଜୟ ସାହୁ ,ମନୋରମା ଆଚାର୍ଯ୍ୟ, ସିଦ୍ଧେଶ୍ୱର ସାହୁ ଓ ରବିନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରମାଣପତ୍ର ବଣ୍ଟନ କରାଯିବା ପରେ ଅକ୍ଷୟ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାତିରେ ଏନଏଚରେ ମିଳିବ ମାଗଣା ଚା’

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଜାତୀୟ ରାଜପଥରେ ରାତିରେ ମିଳିବ ମାଗଣା ଚା । ଭାରୀଯାନ ଡ୍ରାଇଭର ମାନଙ୍କୁ ମିଳିବ ମାଗଣା ଚା । ଦୁର୍ଘଟଣା ଏଡାଇବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ନିଆରା ପଦକ୍ଷେପ ନିଆଯାଇଛି ।

ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ଓ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥିପାଇଁ ଜିଲ୍ଲାପାଳ ଚିହ୍ନଟ କରିବେ ଢ଼ାବା । ଏଠାରେ ରାତିରେ ଯାଉଥିବା ଗାଡ଼ିକୁ ଅଟକାଇ ଏହାର ଚାଳକଙ୍କୁ ମାଗଣାରେ ଚା’ ଦିଆଯିବ । ସରକାରଙ୍କ ତରଫରୁ ମାଗଣାରେ ଚା ଦିଆଯିବ । ଯାହାଦ୍ୱାରା ଗାଡ଼ି ଚାଳକଙ୍କ ନିଦ ସମସ୍ୟା ଓ ତର୍ଜନିତ ଦୁର୍ଘଟଣା ଆଶଙ୍କାକୁ ମଧ୍ୟ ଏଡ଼ାଇଦିଆଯାଇପାରିବ । ଢ଼ାବାରେ ମଧ୍ୟ ଡ୍ରାଇଭର ବିଶ୍ରାମ ନେଇପାରିବେ ।

# ସୁପର ଫୁଡ ମାଣ୍ଡିଆର ଗୁଣବତ୍ତାର ବ୍ୟାପକ ପ୍ରଚାର

ବେତନଟୀ, ୨୧/୧୨ (ନି.ପ୍ର): ଓଡିଶା ମିଲେଟ ମିଶନ ପକ୍ଷରୁ ବେତନଟୀ ଏମପିସି ହାଇସ୍କୁଲରେ ସୁପରଫୁଡ୍ ମାଣ୍ଡିଆର ଗୁଣବତ୍ତାର ବ୍ୟାପକ ପ୍ରଚାର ପ୍ରସାର ସାଙ୍ଗକୁ ଜନସଚେତନତା ନେଇ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ବୁଧବାର ଆୟୋଜିତ ହୋଇଯାଇଛି । କୁପୋଷଣ ଏବଂ ଅପପୁଷ୍ଟି ଭଳି ରୋଗକୁ ପ୍ରତିହତ କରିବା ସହିତ ସୁପରଫୁଡ୍– ମାଣ୍ଡିଆକୁ ଦୈନନ୍ଦିନ ଜୀବନରେ ସାମିଲ କରାଗଲେ କିଭଳି ସୁସ୍ଥ ଏବଂ ନିରୋଗ ଜୀବନଯାପନ ସମ୍ଭବପର ହୋଇପାରିବ ସେନେଇ ଆରମ୍ଭ ହୋଇଛି ଓଡିଶା ମିଲେଟ ମିଶନ୍ । ରାଜ୍ୟ ସରକାରଙ୍କର ଏହି ଦୂରଦୃଷ୍ଟି ସମ୍ପନ୍ନ ପରିକଳ୍ପନାକୁ ବାସ୍ତବ ରୂପରେଖ ଦେବାରେ ତଥା ମାଣ୍ଡିଆକୁ ନେଇ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ବିଦ୍ୟାଳୟସ୍ତରରେ ପ୍ରଶ୍ନଉତ୍ତର ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ ମଧ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡିଶା ମିଲେଟ୍ ମିଶନ ପକ୍ଷରୁ ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ଅଦିତି ଖାଁ ଏବଂ ଶ୍ରୀକାନ୍ତ ମହାନ୍ତ ପ୍ରମୁଖ ଏମପିସି ହାଇସ୍କୁଲରେ ଏକ ଆଲୋଚନାଚକ୍ର ସାଙ୍ଗକୁ ପ୍ରଶ୍ନଉତ୍ତର ପ୍ରତିଦ୍‌ଗିତା କରାଇଛନ୍ତି । ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାଣ୍ଡିଆରେ କିଭଳି ପ୍ରଚୁର ପରିମାଣରେ ବହୁ ଦରକାରୀ ପୋଷକତତ୍ତ୍ୱ ଭରପୂର ହୋଇ ରହିଛି ଏବଂ ଏହା କୁପୋଷଣ ତଥା ଅପପୁଷ୍ଟି ନିରାକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ସେନେଇ ଛାତ୍ରଛାତ୍ରୀଙ୍କୁ ଆଲୋଚନା ମାଧ୍ୟମରେ ସଚେତନ କରାଯାଇଥିଲା । ଏହାପରେ ମାଣ୍ଡିଆ ଉପରେ ଆଧାରିତ ପ୍ରଶ୍ନଉତ୍ତର ପ୍ରତିଯୋଗିତାରେ ୪୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଅଷ୍ଟମଶ୍ରେଣୀର ସିମରନ ନାୟକ, ଆକାଶ ମହାନ୍ତ ଏବଂ ନବମଶ୍ରେଣୀର ଶିବାଶିଷ ମହାନ୍ତ ଯଥାକ୍ରମେ ୧ମ, ୨ୟ ଏବଂ୩ୟସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା । ପରିଚାଳନାରେ ପ୍ରକାଶ କୁମାର ଗିରି, ନିରୋଦ କୁମାର ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣ ଶିକ୍ଷା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ନକ୍ସଲଙ୍କ ତାଣ୍ଡବ: ଜାଳିଦେଲେ ଟ୍ରକ

ରାୟପୁର/ସୁକୁମା/ବିଜାପୁର, ୨୧/୧୨ (ନି.ପ୍ର): ଛତିଶଗଡର ବସ୍ତରରେ ତାଣ୍ଡବ ରଚିଛନ୍ତି ମାଓବାଦୀ । ବୁଧବାର ବିଳମ୍ବିତ ରାତିରେ ମାଓବାଦୀମାନେ ଏକ ଯାତ୍ରୀବାହୀ ବସ ଉପରକୁ ପଥର ଫିଙ୍ଗିବା ସହ ୨ଟି ଟ୍ରକ ଜାଳି ଦେଇଛନ୍ତି । ନକ୍ସଲଙ୍କ ଉପଦ୍ରବ ଯୋଗୁ ଜାତୀୟ ରାଜପଥ ୩୦ରେ ଯାତାୟତ ବନ୍ଦ ରହିଛି । ସେହିପରି ଭୈରମଗଡ-ବିଜାପୁର ଏନଏଚ-୧୬୩ରେ ମାଓବାଦୀମାନେ ଏକ ଗଛ କାଟି ରାସ୍ତା ଅବରୋଧ କରିଛନ୍ତି । ଫଳରେ ଏହି ରାସ୍ତାରେ ମଧ ଯାତାୟତ ବନ୍ଦ ରହିଛି । ଏହି ସମସ୍ତ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ଛାଡିଛନ୍ତି । ଯେଉଁଥିରେ ମାଓବାଦୀମାନେ ଡିସେମ୍ବର ୨୨ରେ ଭାରତ ବନ୍ଦ ପାଇଁ ଆହ୍ୱାନ ଦେଇଛନ୍ତି । ସୁକୁମା ଜିଲ୍ଲାର ଜଗରଗୁଣ୍ଡା ଥାନା ଅଞ୍ଚଳ କୁମାରଗୁନ୍ଦା ନିକଟରେ ବୁଧବାର ସନ୍ଧ୍ୟାରେ ମାଓବାଦୀମାନେ ଏକ ପିକଅପ ଭ୍ୟାନ ମଧ ଜାଳି ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ମଦ ଟଙ୍କାର ହିସାବ ଦେଲା...

ଅଧିକାରୀଙ୍କ ଆଖି ଟେରା ହୋଇଯାଇଥିଲା । ଟଙ୍କା ବସ୍ତାକୁ ପିକ୍‌ଅପ୍‌ରେ ଭର୍ତ୍ତି କରାଯାଇ ଏସ୍‌ବିଆଇ ବ୍ୟାଙ୍କକୁ ନିଆଯାଇଥିଲା । ଦିନ ରାତି ଏକ କରି ଗଣିଥିଲେ ବ୍ୟାଙ୍କ କର୍ମଚାରୀ । ଏମିତିକି ଟଙ୍କା ଗଣା ମେଶିନ୍ ଖରାପ ହୋଇଯାଇଥିଲା । ବ୍ୟାଙ୍କ କର୍ମଚାରୀମାନେ ଓଭର ଡ୍ୟୁଟି କରିଥିଲେ । ଏପରିକି ରବିବାର ମଧ ଉପସ୍ଥିତ ରହି ଟଙ୍କା ଗଣତି କରିଥିଲେ । ଦେଶୀ ମଦ ଭାଟିରୁ ଟଙ୍କା ମିଳିବା ପରେ ରାଜନୀତି ଆରମ୍ଭ ହୋଇଥିଲା । ବିଜେପି, କଂଗ୍ରେସ ଓ ବିଜେଡି ଭିତରେ ବାକ୍ ଯୁଦ୍ଧ ହୋଇଥିଲା । ନେତାମାନେ ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ କରିଥିଲେ । କହିବାକୁ ଗଲେ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା । ହେଲେ ଏହି ମାମଲାରେ କିଏ କିଏ ଗିରଫ ହୋଇଛନ୍ତି, ତାହା ଜଣାପଡ଼ି ନାହିଁ ।

## ରାଜ୍ୟରେ କମିବ...

୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ପ୍ରାୟ ୧୬ଟି ସ୍ଥାନର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି । ଭୁବନେଶ୍ୱର ଓ କଟକରେ ଚଳିତବର୍ଷର ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ଛୁଇଁଛି । ଆସନ୍ତାକାଲି ପର୍ଯ୍ୟନ୍ତ ଶୀତର ପ୍ରଭାବ ରହିବା ନେଇ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

## ବିବାହ ବିଚ୍ଛେଦ ପାଇଁ ଅନୁଭବଙ୍କୁ...

ସେ କହିଥିଲେ ଯେ ବର୍ଷାଙ୍କ ସହିତ ତାଙ୍କର ବିବାହ କେବଳ କାଗଜ କଲମରେ ସୀମିତ ରହିଯାଇଥିଲା । ବିବାହର ମୂଳ ଲକ୍ଷ୍ୟ ପୂରଣ ହୋଇପାରି ନଥିଲା । ବୈବାହିକ ସଂପର୍କ ଯେମିତି ରହିବା କଥା, ତାହା ସେମାନଙ୍କ ମଧ୍ୟରେ ନାହିଁ । ପରିବାରକୁ ଆଗେଇ ନେବାରେ ଓ ସନ୍ତାନସନ୍ତତି କରିବାରେ ବର୍ଷା ସହଯୋଗ କରୁ ନଥିବା ଅନୁଭବ କୋର୍ଟଙ୍କୁ କହିଥିଲେ । ସେହିପରି ତାଙ୍କ ପରିବାର ଲୋକଙ୍କୁ ବର୍ଷା ଦୁର୍ବ୍ୟବହାର କରୁଥିଲେ ବୋଲି ଅନୁଭବ କହିଥିଲେ । ତେବେ ହାଇକୋର୍ଟ କେଉଁ ଆଧାରରେ ଅନୁଭବଙ୍କୁ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଛନ୍ତି, ତାହା ଲିଖିତ ଜଜ୍‌ମେଣ୍ଟ ଆସିବା ପରେ ଜଣାପଡ଼ିବ । ଏହା ପୂର୍ବରୁ ଗତ ସେପଟେମ୍ବର ମାସରେ ପରିବାର ଅଦାଲତ ଉଭୟ ଅନୁଭବ ମହାନ୍ତି ଓ ବର୍ଷାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ । କୋର୍ଟ ଅନୁଭବଙ୍କ ବିବାହ ବିଚ୍ଛେଦ ଆବେଦନକୁ ଖାରଜ କରିଥିବା ବେଳେ ସ୍ୱାମୀ-ସ୍ତ୍ରୀ ଭାବେ ପୁଣି ଏକାଠି ରହିବାକୁ ବର୍ଷା କରିଥିବା ଆବେଦନକୁ ମଧ କୋର୍ଟ ଖାରଜ କରି ଦେଇଥିଲେ । କୋର୍ଟଙ୍କ ଏଭଳି ରାୟକୁ ନେଇ ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା । ପରିବାର ଅଦାଲତଙ୍କ ଏହି ରାୟ ବିରୋଧରେ ଗତ ଅକ୍ଟୋବର ମାସରେ ଅନୁଭବ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଆମ୍ବୁସ ଲଗାଇ ଆକ୍ରମଣ କଲେ...

ସେଠାକୁ ପଠାଯାଇଛି । ଗତମାସରେ ରଜୌରୀର କାଲାକୋଟରେ ଆତଙ୍କବାଦୀ ବିରୋଧୀ ଅପରେସନ ବେଳେ ସେନାର ୫ ଜଣ ଯବାନ ସହିଦ ହୋଇଥିଲେ । ସେମାନଙ୍କ ମଧ୍ୟରେ ଦୁଇ ଜଣ କ୍ୟାପଟେନ୍ ଥିଲେ । କିଛି ବର୍ଷ ହେଲା ଏହି ଅଞ୍ଚଳରେ ଆତଙ୍କବାଦୀ ବେଶ୍ ସକ୍ରିୟ ଅଛନ୍ତି । ଏଠାରେ ସେନା ଉପରେ ବଡ଼ ବଡ଼ି ଆକ୍ରମଣ ହୋଇଛି । ଚଳିତ ବର୍ଷ ଏପ୍ରିଲ ଓ ମେ’ ମାସରେ ରଜୌରୀ-ପୁଞ୍ଚ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ୧୦ ଜଣ ଯବାନ ସହିଦ ହୋଇଛନ୍ତି । ଏହି ଅଞ୍ଚଳ ୨୦୦୩ରୁ ୨୦୨୧ ପର୍ଯ୍ୟନ୍ତ ପାଖାପାଖି ଆତଙ୍କବାଦ ମୁକ୍ତ ଥିଲା । କିନ୍ତୁ ତା’ପରଠୁ ନିୟମିତ ଭାବେ ଏନ୍‌କାଉଣ୍ଟର ହେଉଛି ।

## ହେଲଦି ଲାଇଫ୍ ଯୋଗ ...

ପାରୁଛନ୍ତି, ଯୋଗ ମହାବିଦ୍ୟାଳୟ ସହିତ ଆଉ ଗୋଟେ ୟୁନିଟ୍ ଯୋଗ ଓ ପ୍ରାକୃତିକ ୨୦ ବେଡ ବିଶିଷ୍ଟ ଚିକିତ୍ସା କେନ୍ଦ୍ର ଜାନୁଆରୀ ୧୦ ତାରିଖରେ ଖୋଲା ଯିବାର ପ୍ରସ୍ତାବ ଅଛି । ଏଠରେ ବିନା ଔଷଧ, ବିନା ଅସ୍ତ୍ରପଚାରରେ ଯୋଗ, ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ଚିକିତ୍ସା କରାଯିବ, ଅଧାପିକା ଦେବୀ ଅର୍ଚ୍ଚନା ଦାସ କଲେଜର ନିୟମ ଓ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ । ଅଧାପିକା ଅନୀତା ମିଶ୍ର, ଅଧାପକ ଅଭିଶେକ୍ ଦାସ ଧନ୍ୟବାଦ ଦେଇଥିଲେ ।

## ପୁଣି ଡରାଇଲାଣି ...

ଗୋଆ, ଗୁଜରାଟ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ପୁଡୁଚେରୀ, ପଞ୍ଜାବ, ତାମିଲନାଡୁ ଓ ତେଲେଙ୍ଗାନାରେ ନୂଆ ସକ୍ରିୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ୨୦୦୦ ଥିବାରୁ କେରଳର ସ୍ଥିତି ଚିନ୍ତାଜନକ ରହିଛି । ସେପଟେ ଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତ ବେଗରେ ବୃଦ୍ଧି ପାଉଥିଲେ ବି ଭୟଭୀତ ନ ହୋଇ ସାବଧାନତା ଅବଲମ୍ବନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛି । ପରୀକ୍ଷା ସଂଖ୍ୟା ବୃଦ୍ଧି କରି କୋଭିଡ୍-୧୯ର ବିସ୍ତାର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ରାଜ୍ୟ ସରକାରମାନେ ବି ଆଦେଶ ଦେଇଛନ୍ତି । କୋଭିଡ୍-୧୯ ସବ୍‌ଭାରିଏଣ୍ଟ ଜେଏନ୍.୧ ପ୍ରଜାତି ଚଳିତ ମାସ ପ୍ରାରମ୍ଭରେ ପ୍ରଥମେ କେରଳର ଜଣେ ୭୯ ବର୍ଷୀୟ ବୃଦ୍ଧାଙ୍କଠାରେ ଚିହ୍ନଟ ହୋଇଥିଲା । ତା’ପରଠାରୁ କେରଳରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

## ନୀଳଗିରିରୁ ...

ବାଲେଶ୍ୱର ଜିଲ୍ଲାର ବାହାନଗା ଟ୍ରେନ୍ ଟ୍ରାଜେଡି ପରେ ଦକ୍ଷୀଣ-ପୂର୍ବ ରେଲୱେ ଡିଭିଜନର ସବୁ ପୁରୁଣା ଷ୍ଟେସନର ସିଗନାଲିଂ ସିଷ୍ଟମ ପରିବର୍ତ୍ତନ କରାଯିବ । କିଛି ଷ୍ଟେସନର ନବୀକରଣ ପରେ ଏହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ । ଅନ୍ୟପଟେ ଓଡ଼ିଶା ସରକାର ରୟାଲ୍‌ଟି ବୃଦ୍ଧି କରିଥିବାରୁ ନୂଆକରି ହେବାକୁ ଥିବା ରେଲୱେର ଥାର୍ଡ ଲାଇନ୍ କାମ ଆଗେଇ ପାରୁନି ଦକ୍ଷିଣ-ପୂର୍ବ ରେଲୱେ ଡିଭିଜନତ ମହାପ୍ରବନ୍ଧକ ଅନିଲ ମିଶ୍ରା । ସେ ଆହୁରି କହିଛନ୍ତି, ଭଦ୍ରକ ଜିଲ୍ଲା ରାଣୀତାଲଠାରୁ ବାଲେଶ୍ୱର ଜିଲ୍ଲା ଭିତରେ ଥିବା ସବୁ ରେଲୱେ ଷ୍ଟେସନର ନବୀକରଣ ପାଇଁ ଚିଠା ପ୍ରସ୍ତୁତ ସରିଛି । ୧୦ରୁ ୧୫ ଦିନ ମଧ୍ୟରେ ନୀଳଗିରିର ଗୋପୀନାଥପୁରକୁ ନୂଆ ମେମୋ ଟ୍ରେନ୍ ଚଳାଚଳ କରିବ । ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଏହାର ଉଦଘାଟନ କରିବେ ବୋଲି ସୂଚନା ଦେଇଛନ୍ତି ଦକ୍ଷିଣ-ପୂର୍ବ ରେଲୱେ ଡିଭିଜନତ ମହାପ୍ରବନ୍ଧକ ଅନିଲ ମିଶ୍ରା ।

# ୫ଟି ଓ ନବୀନ ଓଡିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବାରିପଦା, ୨୧/୧୨ (ନି.ପ୍ର): ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ୫ଟି ଓ ନବୀନ ଓଡିଶା ଅଧକ୍ଷ ଶ୍ରୀ ଭିକେ ପାଣ୍ଡିଆନ । ଶ୍ରୀ ପାଣ୍ଡିଆନ ଭୁବନେଶ୍ୱର ରୁ ବାହାରି ଆଇନ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଅବତରଣ କରିଥିଲେ । ଶ୍ରୀ ପାଣ୍ଡିଆନ ଙ୍କୁ ସ୍ୱାଗତ କରିବା ପାଇଁ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଆଶାୟୀ ପ୍ରାର୍ଥୀ ସମାଜସେବୀ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ ବହୁ ସମୟ ଧରି ଅପେକ୍ଷା କରିଥିଲେ । ଦୀର୍ଘ ସମୟ ବ୍ୟବଧାନ ପରେ ପୋଲିସ ଏସକ୍ୱୋର୍ଟ ଗାଡି ସମସ୍ତଙ୍କୁ ଏଡାଇ ଏଡାଇ ଆସୁଥିବା ସମୟରେ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ ଙ୍କ ପାଖରେ ଗାଡି ଠିଆ କରିଥିଲେ ଶ୍ରୀ ପାଣ୍ଡିଆନ । ଶ୍ରୀ ପାଣ୍ଡିଆନ ଗାଡିରୁ ଓହ୍ଲାଇବା ପରେ ସମାଜସେବୀ ଶ୍ରୀ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ ତାଙ୍କୁ ଫୁଲମାଳ ପିନ୍ଧାଇ ପୁଷ୍ପ ଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ । ସେ ସମୟରେ ଉପସ୍ଥିତ ଥିବା ଶହ ଶହ ଛାତ୍ର ଛାତ୍ରୀ ଓ ଜନସାଧାରଣ ନବୀନ ପଟ୍ଟନାୟକ ଜିନ୍ଦାବାଦ, ପାଣ୍ଡିଆନ ସାର ଜିନ୍ଦାବାଦ ର ନାରା ଦେଇ ଦେଇ ଅଞ୍ଚଳକୁ ପ୍ରକମ୍ପିତ କରିଦେଇଥିଲେ । ଉପସ୍ଥିତ ଥିବା ମହିଳା ପୁରୁଷ ଏକ ହୋଇ ନବୀନ ଓ ପାଣ୍ଡିଆନ ଙ୍କ ସ୍ଲୋଗାନ ଦେଇଥିଲେ । ପରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୂଆ-ଓ ଉଦଯାପନୀ କାର୍ଯ୍ୟକ୍ରମ ରେ ଯୋଗ ଦେଇ ୧୫ ହଜାର ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ସହ ଭାବ ବିନିମୟ କରିବା ସହ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସମାଜସେବୀ ବିକାଶ ଚନ୍ଦ୍ର ସେଠୀ ଙ୍କ ପ୍ରତିକ୍ରିୟା ନେବାରୁ ସେ ପ୍ରକାଶ କରିଥିଲେ ଆଜିର ଦିନ କୁ ସେ କେବେ ଭୁଲି ପାରିବେ ନାହିଁ । ସେ ଖୁସିର ମୁହୂର୍ତ୍ତ ଅବିସ୍ମରଣୀୟ ହୋଇ ରହିଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ୫ଟି ଓ ନବୀନ ଓଡିଶା ଅଧକ୍ଷ ଶ୍ରୀ ଭିକେ ପାଣ୍ଡିଆନ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦ ପ୍ରଣବ ପ୍ରକାଶ ଦାସ ପ୍ରତିଟି ଓଡିଆଙ୍କ ହୃଦୟରେ ଅଛନ୍ତି । ଆଉ ଓଡିଶା ର ବିକାଶ ପାଇଁ ମୁଖ୍ୟ ଭୂମିକା ତୁଲାଉଛନ୍ତି ।

# ଆମରଣ ଅନଶନ ପ୍ରତ୍ୟାହୃତ

ଲଙ୍ଗଳେଶ୍ୱର୨୧/୧୨( ନି ପ୍ର ) ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ବଦଳି ଦାବି କରି ବାଲିଆପାଳ ବ୍ଲକ ର କେତେକ ନିର୍ବାଚିତ ଜନ ପ୍ରତିନିଧି ବୁଧବାର ଠୁ ପଞ୍ଚାୟତ ସମିତି ପରିସରରେ ଆମରଣ ଅନଶନରେ ବସିଥିଲେ ।ଗତକାଲି ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଓ ତହସିଲଦାର ଜନକ କୁମାର ନାୟକ ଘଟଣା ସ୍ଥଳରେ ପହଁଚି ଅନଶନ କାରୀ ଙ୍କୁ ବୁଝା ସୁଝା କରିଥିଲେ ।ମାତ୍ର କୌଣସି ସୁଫଳ ମିଳି ନ ଥିଲା ।ସନ୍ଧ୍ୟା କୁ ଅନଶନରତ କେତେ ଜଣ ସରପଞ୍ଚ ଓ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା ।ଆଜି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଧାରଣା ସ୍ଥାନରେ ପହଁଚି ବଦଳି ବାବଦରେ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଏଥି ପାଇଁ ୧୫ଦିନ ସମୟ ଅତିରିକ୍ତ ଜିଲ୍ଲାପାଳ ସେମାନଙ୍କ ଠୁ ଚାହିଁଥିବା ପ୍ରକାଶ ।ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବେ କୌଣସି ନୂଆ ପ୍ରକଳ୍ପ ର ଶୁଭ ଦେଇ ପାରିବେ ନାହିଁ ବୋଲି ଅନଶନ କରିଥିବା ନିର୍ବାଚିତ ପ୍ରତିନିଧି ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଠୁ ଚାହିଁ ଥିବା କହିଛନ୍ତି ।ତେବେ ସେମାନଙ୍କ ସମସ୍ତ ଦାବି ଜିଲ୍ଲାପାଳ ସରକାରଙ୍କୁ ଜାଣଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଅନଶନକୁ ପ୍ରତ୍ୟାହାର କରି ନେଇଛନ୍ତି ।

# ମୟୂରଭଞ୍ଜ ପୁସ୍ତକମେଳାର ପଞ୍ଚମ ଦିବସରେ ପ୍ରିୟଙ୍କା ପ୍ରବନ୍ଧମାଳା ପୁସ୍ତକ ଲୋକାର୍ପିତ



ବାରିପଦା, ୨୧/୧୨ (ନି.ପ୍ର): ମୟୂରଭଞ୍ଜ ପୁସ୍ତକମେଳାର ପଞ୍ଚମ ଦିବସରେ ଝାଡ଼ଖଣ୍ଡ ନିବାସୀ ଲକ୍ଷ୍ମଣ କୁମାର ଗିରିଙ୍କ ଲିଖିତ ପୁସ୍ତକ ପ୍ରିୟଙ୍କା ପ୍ରବନ୍ଧମାଳା ଲୋକାର୍ପିତ ହୋଇଯାଇଛି। ପୁସ୍ତକମେଳାର ଉପସଭାପତି ଜୟନ୍ତ କୁମାର ଦ୍ୱାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ଦିନେଶ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସଂପାଦକ ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଡା. କୈଳାସ ଚନ୍ଦ୍ର ମହାନ୍ତି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅଜିତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିବା ବେଳେ, ରାଗଧା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଅସୀମା ସାହୁ ସମୀକ୍ଷା କରିଥିଲେ। ଅଜିତ କୁମାର ପାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଗୀତିକାର ଗୋପାଳ ସାଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ଆୟୋଜିତ ଏକକ ଅଭିନୟ ପ୍ରତିଯୋଗିତାରେ ସୁଜଳ ସେନାପତି, ମନୀଷାରାଣୀ ଦତ୍ତ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଆଦ୍ୟା ଦ୍ୱାରୀ ଓ କ୍ଷିତିଶ ଦାଶ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚବିଦ୍ୟାଳୟ ତଥା ଓନଲି ୱାନ ଡ୍ୟାନସ ଗ୍ରୁପର କଳାକାରମାନେ ପବିତ୍ର ପଣ୍ଡାଙ୍କ ସଂଯୋଜନାରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।

# ମୋଦି ସରକାରଙ୍କ ଗ୍ୟାରେଣ୍ଟି ଆମ 'ସଂକଳ୍ପ ବିକଶିତ ଭାରତ' ରଥ ବାଲିଆ ଏବଂ ସୁତେଇ ଗ୍ରାମପଞ୍ଚାୟତରେ ପରିକ୍ରମା

ବାଲେଶ୍ୱର, ୨୧/୧୨ (ନି.ପ୍ର): ଗୁରୁବାର ଦିନ ବାଲିଆ ଏବଂ ସୁତେଇ ଗ୍ରାମପଞ୍ଚାୟତରେ ମୋଦି ସରକାରଙ୍କ ଗ୍ୟାରେଣ୍ଟି 'ଆମ ସଂକଳ୍ପ ବିକଶିତ ଭାରତ 'ରଥ ପରିକ୍ରମା କରିଥିଲା। ପଞ୍ଚାୟତରେ ରଥ ପରିକ୍ରମା ସମୟରେ ସ୍ଥାନୀୟ କୀର୍ତ୍ତନଦଳ ହରିନାମ ସଙ୍କୀର୍ତ୍ତନ କରି ରଥକୁ ବାଟ କଢାଇ ନେବା ସହ ସ୍ୱାଗତ କରିଥିଲେ। ଏହି ରଥରେ ଖରଡ଼ ପରଦା ମାଧ୍ୟମରେ ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । ପଞ୍ଚାୟତର ଲୋକମାନେ ମୋଦି ସରକାରଙ୍କ ଯେଉଁ ଯେଉଁ ଯୋଜନାରେ ଅନ୍ତର୍ଭୁକ୍ତ ତାର ସୁଚି କରିବା ସହ ଯେଉଁ ମାନେ ଏହିସବୁ ଯୋଜନାରୁ ବଞ୍ଚିତ ଅଛନ୍ତି ତାଙ୍କର ପଞ୍ଜିକରଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପଠାଇବା ତଥା ସରକାରଙ୍କ ପ୍ରତ୍ୟେକ ଯୋଜନାରୁ ଲାଭ ପାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସ୍ଥଳରେ ରେମୁଣାର ପୂର୍ବତନ ବିଧାୟକ ତଥା ରେମୁଣା ନିର୍ବାଚନ ମଣ୍ଡଳୀ ବିକାଶ ତୀର୍ଥ ଯାତ୍ରା କୋଡ଼ିନେଟର ଗୋବିନ୍ଦ ଚନ୍ଦ୍ର ଦାସ,ବାଲିଆ ପଞ୍ଚାୟତ ଚରଙ୍ଗ ପ୍ରଗତି ବିଶ୍ୱାଳ, ମଣ୍ଡଳ କୋଡ଼ିନେଟର କୃଷ୍ଣ ଚନ୍ଦ୍ର ସାହା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସରପଞ୍ଚ ନିତାଇ ଚରଣ ନାୟକ,କବିତା ମହାନ୍ତି,ସମିତି ସଭ୍ୟ ଶିବାନୀ ହାଁସଦା ପ୍ରମୁଖ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଉପସ୍ଥିତ ଲୋକ ମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲରେ ଭଲ ପାଠ ପଢୁଥିବା ପିଲା,କେନ୍ଦ୍ର ସରକାରଙ୍କ ଯୋଜନାରେ ଲାଭ ଉଠାଇଥିବା ଲାଭାର୍ଥୀ ତଥା ସମାଜ ପାଇଁ ନିଜକୁ ସମର୍ପିତ କରୁଥିବା ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ସଂସ୍ଥା ଯଥା ଖଚଏ, ନାବାର୍ଡ, ବିଭିନ୍ନ ରାଷ୍ଟ୍ରୟତ୍ତ ବ୍ୟାଙ୍କର କର୍ମଚାରିମାନେ ଉପସ୍ଥିତ ହୋଇ ନିଜ ନିଜ ଅଧୀନରେ ଆସୁଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ସହ ଅଙ୍ଗନ ବାଡ଼ି ଦିଦି, ଆଶାଦିଦି, ସ୍ୱୟଂସାହାୟିକା ଗୋଷ୍ଠୀର ମହିଳା,ବିଦ୍ୟାଳୟର ଛାତ୍ର ଛାତ୍ରୀ,ଚାଷୀ ଓ ଉଜ୍ଜ୍ୱଳା ଦିଦି ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀ ମାନଙ୍କୁ ଏହି ସଂକଳ୍ପ ଯାତ୍ରା ମାଧ୍ୟମରେ ଯୋଜନା ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଦେଶର ପ୍ରତ୍ୟେକ ଅସହାୟ ବ୍ୟକ୍ତି ଯାହାଙ୍କ ପାଖରେ ଘର ନାହିଁ ତାଙ୍କୁ ପକ୍କା ଘର,ମା ମାନଙ୍କୁ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ରନ୍ଧନ ଗ୍ୟାସ, ସୁକନ୍ୟା ଯୋଜନା, ପ୍ରଧାନମନ୍ତ୍ରୀ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନବିମା ଯୋଜନା ଇତ୍ୟାଦି ଅନେକ ଯୋଜନାରେ ହିତାଧିକାରୀଙ୍କୁ ଭୁକ୍ତ କରାଯାଉଛି।




# ଶ୍ରୀମା ମହିଳା ମହାବିଦ୍ୟାଳୟରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ



ବାରିପଦା, ୨୧/୧୨ (ନି.ପ୍ର): ବାରିପଦାର ଶ୍ରୀମା ମହିଳା ମହାବିଦ୍ୟାଳୟର ନୂଆ ଓଡ଼ିଶା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ନଟବର ଗିରିଙ୍କ ଅଧ୍ୟକ୍ଷତାରେ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଯୁବ ନେତା ସୁନୀଲ ନାୟକ ଯୋଗଦେଇ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା ସମ୍ପର୍କିତ ବକ୍ତବ୍ୟ ରଖି ଛାତ୍ରୀମାନଙ୍କୁ ନୂତନ ଦିଗଦର୍ଶନ ଦେଇଥିଲେ। ମହାବିଦ୍ୟାଳୟର ଉପ ପ୍ରସାଶନିକ ଅଧିକାରିଣୀ ଡ଼. ସ୍ମିତା ଭଞ୍ଜ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡକ୍ଟର ସୁତନୁ ରୁପ ଏବଂ ଅଧ୍ୟାପିକା ମାନସୀ ରାଣୀ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସାତଶହ ଛାତ୍ରୀଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ମାନେ ଯୋଗଦେଇଥିବା ବେଳେ, ନୂଆ ଓଡ଼ିଶା କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧ୍ୟାପିକା ମିନାକ୍ଷୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଆଜିଠୁ ଜିଲ୍ଲା ବୁଲିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଠାରୁ ବିଭିନ୍ନ ଜିଲ୍ଲା ଗସ୍ତ ଆରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ସହ ୫ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ମଧ୍ୟ ଜିଲ୍ଲା ଗସ୍ତରେ ଯିବେ। ଜିଲ୍ଲା ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲ୍ଲା ଯିବେ। ଜିଲ୍ଲାର ପ୍ରସିଦ୍ଧ ମହିମା ଗାଦି ମନ୍ଦିର ଯାଇ ମୁଖ୍ୟମନ୍ତ୍ରୀ ମନ୍ଦିରର ଉନ୍ନତିକରଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିବେ ବୋଲି ସୂଚନା ମିଳିଛି।

# ଭରତୀୟ କୁସ୍ତି ମହାସଂଘର ଅଧ୍ୟକ୍ଷ ହେଲେ ସଞ୍ଜୟ ସିଂହ

ନୂଆଦିଲ୍ଲୀ, ୨୧/୧୨: ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫଆଇ)ର ପୂର୍ବତନ ମୁଖ୍ୟ ବ୍ରଜଭୂଷଣ ଶରଣ ସିଂହଙ୍କ ସହଯୋଗୀ ସଞ୍ଜୟ ସିଂହଙ୍କୁ ଡବ୍ଲୁଏଫଆଇର ନୂଆ ଅଧ୍ୟକ୍ଷ ଭାବେ ଚୟନ କରାଯାଇଛି । ଭାରତୀୟ କୁସ୍ତି ମହାସଂଘର ନିର୍ବାଚନ ଗୁରୁବାର, ଡିସେମ୍ବର ୨୧ରେ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀରେ ପୂର୍ବାହ୍ନରେ ମତଦାନ ପରେ ମତଗଣନା କରାଯାଇ ସଞ୍ଜୟ ସିଂହଙ୍କୁ ବିଜୟୀ ଘୋଷଣା କରାଯାଇଛି । ସିଂହଙ୍କୁ ୪୦ଖଣ୍ଡ ଭୋଟ୍ ମିଳିଥିଲା । ତାଙ୍କର ପ୍ରତିଦ୍ୱନ୍ଦ୍ୱି ପୂର୍ବତନ ଭାରତୀୟ କୁସ୍ତିଯୋଦ୍ଧା ଅନୀତା ଶ୍ୟୋରାଣଙ୍କୁ ୭ଖଣ୍ଡ ଭୋଟ୍ ମିଳିଥିଲା ।

# ବିହାରରେ ପହଂଚିଲେ ସରସଂଘଚାଳକ ମୋହନ ଭାଗବତ

ପାଟଣା, ୨୧/୧୨: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡକ୍ଟର ମୋହନ ଭାଗବତ ଗୁରୁବାର ତିନି ଦିବସୀୟ ବିହାର ଗସ୍ତରେ ପାଟଣାରେ ପହଂଚିଛନ୍ତି । ତାଙ୍କ ଆଗମନ ଅବସରରେ ରାଜଧାନୀ ପାଟଣାରୁ ଭାଗଲପୁର ଯାଏ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଭାଗବତ ଭାଗଲପୁରରେ ହିଁ ରାତ୍ରିଯାପନ କରିବେ । କାର୍ଯ୍ୟକ୍ରମ ସମ୍ପର୍କରେ ଆରଏସଏସ ଦକ୍ଷିଣ ବିହାରର ପ୍ରାନ୍ତ ପ୍ରଚାର ପ୍ରମୁଖ ଅଭିଷେକ କୁମାର କହିଛନ୍ତି ଯେ, ସରସଂଘଚାଳକ ଡିସେମ୍ବର ୨୨ରେ ଭାଗଲପୁର କୁପ୍ପା ଘାଟ ସ୍ଥିତ ମହର୍ଷି ମେଂହି ଆଶ୍ରମରେ ଉପସ୍ଥିତ ରହିବେ ।

# ଆଜି ଖୋର୍ଦ୍ଧା ଗିନି କପ୍ କ୍ରିକେଟ୍

ଖୋର୍ଦ୍ଧା, ୨୧/୧୨ (ନି.ପ୍ର): ସର୍ବଭାରତୀୟ ଖୋର୍ଦ୍ଧା ସବ୍ୟସଚି ଏବଂ ଦିନେଶ ମେମୋରିୟାଲ୍ ଗିନି କପ୍ ସ୍ଥାନୀୟ ଷ୍ଟାଡ଼ିୟମରେ ଚଳିତ ୨୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚଳିତ ବର୍ଷ ସର୍ବ ଭାରତୀୟସ୍ତରରେ ମ୍ୟାଚ କରାନଯାଇ କେବଳ ଓଡ଼ିଶା ରାଜ୍ୟର ୪ଗୋଟି ଟିମ୍ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍, ରାମେଶ୍ୱର କ୍ରିକେଟ୍ କ୍ଲବ୍, କଟକର ସୋଲାର ଏବଂ ରାଇଜିଂ ଷ୍ଟାର ୪ଗୋଟି ଟିମ୍କୁ ନେଇ ମ୍ୟାଚ ଅନୁଷ୍ଠିତ ହେବ । ୨୪ ତାରିଖରେ ଏକ ପ୍ରଦର୍ଶନୀ ମ୍ୟାଚ କରାଯିବାକୁ ସ୍ଥିର ହୋଇଥିବା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା (ମୁନା) ଖୋର୍ଦ୍ଧା ଷ୍ଟାଡ଼ିୟମ୍ରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପ୍ରତ୍ୟେକ ଦିନ ସକାଳ ୯ଟାରୁ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତ୍ୟେକ ମ୍ୟାଚ ୧୫ଓଭର ବିଶିଷ୍ଟ କରାଯିବା ସହିତ ଗୋଟିଏ ଦିନରେ ଦୁଇଗୋଟି ଟିମ୍ ପରସ୍ପରକୁ ଦୁଇଥର ମୁକାବିଲାରେ ଭେଟିବେ । ଫାଇନାଲରେ ବିଜୟୀ ଟିମ୍କୁ ୫୦ ହଜାର ଟଙ୍କା ଅର୍ଥ ରାଶି ସହ କପ୍ ପ୍ରଦାନ କରାଯିବା ସହିତ ରନର୍ସ ଟିମ୍କୁ ୩୦ ହଜାର ଟଙ୍କା ଓ ରନର୍ସ କପ୍ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି । ଏହିସହିତ ପ୍ରତ୍ୟେକ ଦିନ ମ୍ୟାଚରେ ମ୍ୟାଚ୍ ଅଫ୍ ଦ ଟୁର୍ଣ୍ଣାମେଂଟ ଏବଂ ଶେଷଦିନ ମ୍ୟାନ୍ ଅଫ୍ ଦି ସିରିଜିଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ୧୯୯୪ ମସିହାରୁ ଆରମ୍ଭ ହୋଇଥିବା ଗିନି କପ୍ ୨୦୦୬ ମସିହା ପର୍ଯ୍ୟନ୍ତ ଟୁର୍ଣ୍ଣାମେଂଟ ନିୟମିତ କରି ଆସୁଥିଲେ । ତେବେ କିଛି ଅନିବାର୍ଯ୍ୟ କାରଣ ଏବଂ ଷ୍ଟାଡ଼ିୟମର ଭିତି ଭୂମି ଠିକ୍ ନଥିବାରୁ ୨୦୦୬ ମସିହା ପର ଠାରୁ ଟୁର୍ଣ୍ଣାମେଂଟ ବନ୍ଦ ରହିଥିଲା । ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିବା ଗୀନି କପ୍ କ୍ରିକେଟ୍କୁ ପୁନରୁଦ୍ଧାର କରି ଚଳିତ ବର୍ଷ ଏହାର କାର୍ଯ୍ୟକ୍ରମକୁ ପୁନଷ୍ଚ ଆରମ୍ଭ କରିବା ପାଇଁ ଆସୋସିଏସନ୍ର କର୍ମକର୍ତା ଉଦ୍ୟମ ଜାରି ରଖିଥିବା କିଛି କର୍ମକର୍ତା କହିଛନ୍ତି । ୧୫୦ ସଦସ୍ୟ ବିଶିଷ୍ଟ ଆସୋସିଏସନ୍ର କର୍ମକର୍ତାଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଂଟ ଆରମ୍ଭ ହେବାକୁ ଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ପ୍ରଧାନ, ବରିଷ୍ଠ ସଭ୍ୟ ତଥା ସାମ୍ବାଦିକ ନିରୋଦ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ତଥା ପୌରଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ କରିଥିଲେ ।

# ଉପଖଣ୍ଡସ୍ତରୀୟ ତିନି ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ




ନୀଳଗିରି , ୨୧/୧୨ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦର ମହକୁମା ଠାରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ନୀଳଗିରି କୃଷିଜିଲ୍ଲା କାର୍ଯ୍ୟଳୟ ତରଫରୁ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୩ ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ ଯୋଗଦେଇଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ମହାପାତ୍ର, କୃଷି ଅଧିକ୍ଷଣଯନ୍ତ୍ରୀ ସୁନ୍ଦରମୋହନ ସିଂହ, ଉଦଳା ଜିଲ୍ଲା କୃଷି ଅଧିକାରୀ ଜୟନ୍ତ କୁମାର ରାଉତ, ନୀଳଗିରି ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଗୋପୀନାଥ କର ଉପସ୍ଥିତ ଥିଲେ। ଏହି ତିନି ଦିନିଆ ମେଳାରେ କୃଷି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଯଥା ଧାନ, ଗହମ, ପନିପରିବା, ମାଛ,ଛତୁ, ଗୋପାଳନ, କୁକୁଡ଼ା ପାଳନ, ରୋଗପୋକ ସଂକ୍ରମଣ, କୀଟନାଶକ ଔଷଧ ପ୍ରୟୋଗ, ଜୈବିକ ଓ ଅଣୁସାର ପ୍ରୟୋଗ ଓ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ କୃଷକ ମାନଙ୍କୁ ପାଠଶଳା ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା। ବାଲେଶ୍ୱରରୁ ଆସିଥିବା କୃଷି ଅଧିକ୍ଷଣ ଯନ୍ତ୍ରୀ ଆଲୋକ କୁମାର ଅଧିକାରୀ ଏହି ମେଳାରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ଦେଇଥିବା ଏବଂ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିକ୍ରୟ ସହିତ ୧୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରିହାତିରେ ଯୋଗାଇ ଦେଇଥିବା ପ୍ରକାଶ କରିଛନ୍ତି। ଏହି ରିହାତି କେତେକ ଚାଷୀ ଓ ମହିଳା ଏସଏସଜି ଙ୍କୁ ଯୋଗାଇ ଦିଆଯାଇଛି। ଏହି ମେଳାରେ ଉପଖଣ୍ଡର ବିଭିନ୍ନ ବିଭାଗଏବଂ ଗଣମାଧମ ପ୍ରତିନିଧି ଯୋଗଦେଇ ମେଳାକୁ ସଫଳ କରାଇଥିବାରୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ମହାପାତ୍ର ସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ନୀଳଗିରି କୃଷି ଜିଲ୍ଲା ଅଧିକାରୀ ଶ୍ରୀଯୁକ୍ତ ତୁଷାରକାନ୍ତି ତୁଙ୍ଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାକୁ ନୀଳଗିରି ସହକାରୀ କୃଷି ଅଧିକାରୀ ଶ୍ରୀମତୀ ପ୍ରଜ୍ଞାଶ୍ରୀ ଚାନ୍ଦ, ବ୍ଲକ୍ କୃଷି ଅଧିକାରୀ ମିତାଲି ମାଡାମ୍, ବୈଦ୍ଧିକ ଚାଳନି ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ହୃଦଘାତରେ ଧର୍ମପରାୟଣାଙ୍କ ମୃତ୍ୟୁ

ବସ୍ତା, ୨୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ କାଦମୌଦା ଗ୍ରାମର ଧର୍ମପରାୟଣା ମହିଳା ମଞ୍ଜୁଲତା ପ୍ରଧାନ (୭୨) ଙ୍କର ହୃଦଘାତରେ ମୃତ୍ୟୁ ଘଟିଛି । ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସ୍ତ୍ରୀ ଏବଂ ବିଜେଡି ନେତା ସନ୍ତୋଷ କୁମାର ଖଟୁଆଙ୍କ ଭଉଣୀ ଅଟନ୍ତି। ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁବେଳକୁ ତାଙ୍କର ସ୍ୱାମୀ, ଦୁଇ ପୁଅ ବିଶ୍ୱନାଥ, ବିଜୟ, ଝିଅ ଶିବାନୀ, ପୁଅ ବୋହୂ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବଡପୁଅ ବିଶ୍ୱନାଥ ମୁଖାଗ୍ନି ଦେଇଥିଲେ।

# ସମନ୍ୱିତ ଯୁବବିକାଶ ପରିପ୍ରେକ୍ଷୀରେ ପଥପ୍ରାନ୍ତ ନାଟକ ପରିବେଷଣ

ବେତନଟୀ, ୨୧/୧୨ (ନି.ପ୍ର): ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବେତନଟୀ କଲେଜ ପକ୍ଷରୁ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ ବିଭିନ୍ନ ବିଷୟବସ୍ତୁକୁ ନେଇ ବୁଧବାର ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବସଷ୍ଟାଣ୍ଡରେ ଆୟୋଜିତ ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମରେ ଯୁକ୍ତଦୁଇ ବିଭାଗର ଛାତ୍ରଛାତ୍ରୀମାନେ ବାଲ୍ୟବିବାହ ଏବଂ ନିଶା ନିବାରଣ ଉପରେ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିବା ବେଳେ ସ୍ନାତକ ବିଭାଗର ଛାତ୍ରଛାତ୍ରୀମାନେ ଯୌତୁକ ଓ ପାରିବାରିକ ହିଂସା ନିରାକରଣ ତଥା ସାମ୍ପ୍ରତିକ ସ୍ଥିତିରେ ଆର୍ଥିକ କାରବାର ଏବଂ ନେଣଦେଣରେ ନଗଦ ଟଙ୍କା ପରିବର୍ତ୍ତେ ଡିଜିଟାଲାଇଜେସନର ବ୍ୟବହାର ଏଣ୍ଡେନେଇ ଅବଲମ୍ବନ କରାଯାଉଥିବା ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଉପରେ ପଥପ୍ରାନ୍ତ ନାଟକ ପରିବେଷଣ ସାଙ୍ଗକୁ ପ୍ରାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା । ଏଥିରେ କଲେଜ ଅଧ୍ୟକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ପରିଚାଳନାକମିଟି ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ଡ. ବିତ୍ତରଞ୍ଜନ ରାଉତ, ଅଧ୍ୟାପକ ସୀମାନ୍ତ କୁମାର ଜେନା, ବାଲିମଣି ସିଂ, ସ୍ୱାଗତିକା ଖୁଲାର, ଜ୍ୟୋତିପ୍ରିୟଦର୍ଶିନୀ, ସ୍ୱାତୀ ଅଗ୍ରୱାଲ, ଜୟନ୍ତୀ ପାଲ, ରୀନାରାଣି ଦାସ, ରଞ୍ଜିତ ବେହେରା, ଦିଲ୍ଲିପ ସାହୁ, କୃତ୍ତିବାସ ମହାନ୍ତ, ତପନ ବାରିକଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣ ଶିକ୍ଷା କର୍ମଚାରୀଙ୍କ ସମେତ ଛାତ୍ର ଛାତ୍ରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ଏଥିରେ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ପ୍ରିୟଂଶୁ ଲେଙ୍କା, ଗାୟତ୍ରୀ ବେହେରା,ନୀଳକଣ୍ଠ ମହାନ୍ତ, ଦୁର୍ଗାପ୍ରସାଦ ବେହେରା, ଭବାନୀ ମାଝୀ, ରୂପମଣି ମହାନ୍ତ, ଶୁଭବ୍ରତ ରାଉତ, ଅଭିଲିୟା ବେହେରା ପ୍ରମୁଖ ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ ନାଟକ ପରିବେଷଣ ସମୟରେ ଶତାଧ୍ୱ ଜନସାଧାରଣ ଦର୍ଶକ ଭାବରେ ଏହାକୁ ଉପଭୋଗ କରିଥିଲେ।

# ବିଶ୍ୱକର୍ମା ଯୋଜନାର ସଫଳ ରୂପାୟନ ପାଇଁ ପ୍ରସ୍ତୁତି ବୈଠକ




ଉଦଳା , ୨୧/୧୨ (ନି.ପ୍ର): ଶିକ୍ଷିତ ବେକାର ଯୁବକ, ଯୁବତୀ, କୁଶଳୀ କାରିଗର ତଥା ଅଣକୁଶଳୀ ଜନସାଧାରଣଙ୍କୁ କର୍ମ ଯୋଗାଣ ଦ୍ୱାରା ରୋଜଗାରକ୍ଷମ କରିବା ପାଇଁ ସରକାରଙ୍କ ତରଫରୁ ଆରମ୍ଭ ହୋଇଛି ବିଶ୍ୱକର୍ମା ଯୋଜନା । ଉଦଳା ସହରରେ ଏହାର ସଫଳ ରୂପାୟନ ପାଇଁ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଚଳିତ ଡ଼ିସେମ୍ବର ୨୧ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ବଳଭଦ୍ର ନାୟକ ଓ ଶିଳ୍ପ ବିକାଶ ଅଧିକାରୀ ମନୋରଂଜନ ପାତ୍ର ସରକାରଙ୍କ ଏହି ଯୋଜନାର ସଫଳ ରୂପାୟନ ପାଇଁ ଆମ୍ଭ ମାନଙ୍କର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ବିଭିନ୍ନ ୱାର୍ଡ଼ର କାଉନସିଲର ଓ କର୍ମଚାରୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶେଷରେ ନଗରପାଳ ପ୍ରମିଳା ପଣ୍ଡା ଓ ଉପନଗରପାଳ ଲିଲି ଭୋଳ ସ୍ୱାଭିମାନର ସହ ବଂଚି ରହିବା ପାଇଁ ସରକାରଙ୍କ ଏହି ଯୋଜନା ଏକ ସୁନ୍ଦର ପରିକଳ୍ପନା ଅଟେ ବୋଲି ବ୍ୟକ୍ତ କରିଥିଲେ ।

# ଆମରଣ ଅନଶନ ପ୍ରତ୍ୟାହୃତ

ଲଙ୍ଗଳେଶ୍ୱର, ୨୧/୧୨ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ବଦଳି ଦାବି କରି ବାଲିଆପାଳ ବ୍ଲକ ର କେତେକ ନିର୍ବାଚିତ ଜନ ପ୍ରତିନିଧି ବୁଧବାର ଠୁ ପଞ୍ଚାୟତ ସମିତି ପରିସରରେ ଆମରଣ ଅନଶନରେ ବସିଥିଲେ ।ଗତକାଲି ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଓ ତହସିଲଦାର ଜନକ କୁମାର ନାୟକ ଘଟଣା ସ୍ଥଳରେ ପହଁଚି ଅନଶନ କାରୀ ଙ୍କୁ ବୁଝା ସୁଝା କରିଥିଲେ ।ମାତ୍ର କୌଣସି ସୁଫଳ ମିଳି ନ ଥିଲା ।ସନ୍ଧ୍ୟା କୁ ଅନଶନରତ କେତେ ଜଣ ସରପଞ୍ଚ ଓ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା ।ଆଜି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଧାରଣା ସ୍ଥାନରେ ପହଁଚି ବଦଳି ବାବଦରେ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଥିପାଇଁ ୧୫ଦିନ ସମୟ ଅତିରିକ୍ତ ଜିଲ୍ଲାପାଳ ସେମାନଙ୍କଠୁ ଚାହିଁଥିବା ପ୍ରକାଶ ।ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବେ କୌଣସି ନୂଆ ପ୍ରକଳ୍ପ ର ଶୁଭ ଦେଇ ପାରିବେ ନାହିଁ ବୋଲି ଅନଶନ କରିଥିବା ନିର୍ବାଚିତ ପ୍ରତିନିଧି ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଠୁ ଚାହିଁ ଥିବା କହିଛନ୍ତି। ତେବେ ସେମାନଙ୍କ ସମସ୍ତ ଦାବି ଜିଲ୍ଲାପାଳ ସରକାରଙ୍କୁ ଜାଣଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଅନଶନକୁ ପ୍ରତ୍ୟାହାର କରି ନେଇଛନ୍ତି।

# 'ମୋ ପ୍ରିୟ ଉଦଳା'ର ଉଦ୍‌ଘାଟନ ଉତ୍ସବ

ଉଦଳା , ୨୧/୧୨ (ନି.ପ୍ର): ଉଦଳା ସହରକୁ ସରସ ସୁନ୍ଦର କରିବା ସହ ଏକ ଆବେଗମୟ ପରିବେଶ ସୃଷ୍ଟି କରିବା ଉଦେଶ୍ୟରେ ତିଆରି କରାଯାଇଛି 'ମୋ ପ୍ରିୟ ଉଦଳା' ର ଏକ ଉଦ୍ୟାନ । ଏହି ଉଦ୍ୟାନକୁ ଚଳିତ ଡ଼ିସେମ୍ବର ୨୦ ତାରିଖ ବୁଧବାର ଦିନ ସନ୍ଧ୍ୟାରେ ମୟୂରଭଂଜ ଜିଲ୍ଲାପାଳ ବିନିତ ଭରଦ୍ୱାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ସହରର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବା ନିର୍ବାଚିତ କାଉନସିଲବର୍ଗଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ବିଧାୟକ ଭାସ୍କର ମଢ଼େଇ, ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉପଜିଲ୍ଲାପାଳ ସୁଶା' କୁମାର ବାରିକ, କାଉନସିଲର ଶରତ ଚନ୍ଦ୍ର ଦାସ ଓ ଧିରେନ୍ଦ୍ର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo